

Odia Daily

www.theutkalsamachar.com

ଉତ୍କଳ ସମାଗମ

ଦୈନିକ ଚେତନାର ପ୍ରଖ୍ୟାତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:205 22 November 2026 (Sunday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୨୦୫ ୨୨ ନଭେମ୍ବର ୨୦୨୬ (ରବିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

ଇରାକରେ ବିଦ୍ୟୁତ୍ କେନ୍ଦ୍ରରେ ଭୟଙ୍କର ଅଗ୍ନିକାଣ୍ଡ, ୪ ଜୀବନ୍ତ ଦଗ୍ଧ, ୩୦ ଆହତ



ବାଗଦାଦ,୨୧/୧୧:ଇରାକର ଦକ୍ଷିଣରେ ଥିବା ବସ୍ରା ସହରର ଏକ ବିଦ୍ୟୁତ୍ କେନ୍ଦ୍ରରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ତାରି ଜଣ ଜୀବନ୍ତ ବସ୍ତୁ ହୋଇଛନ୍ତି। ଏହି ଘଟଣାରେ ୩୦ ଜଣ ଆହତ ହୋଇଛନ୍ତି। ବସ୍ରା ସହରର ଉତରରେ ଅବସ୍ଥିତ ଅଲ୍-ହାର୍ଥା ପାୱାର ଷ୍ଟେସନରେ ଏହି ଦୁର୍ଘଟଣା ଘଟିଛି। ନିଆଁ ଦୁତ ଗତିରେ ବ୍ୟାପି ଷ୍ଟେସନ ଚାରିପାଖରେ ଥିବା ଆବାସିକ ଛୋଟାଗୁଡ଼ିକୁ ମଧ୍ୟ ଗ୍ରାସ କରିଥିଲା। ଫଳରେ ଅନେକ ଘର ଏବଂ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିଦ୍ୟୁତ୍ କେନ୍ଦ୍ରକୁ ଯୋଗାଣ କରୁଥିବା ଏକ ଗ୍ୟାସ୍ ପାଇପଲାଇନ୍‌ରେ ହଠାତ୍ ବିସ୍ଫୋରଣ ହୋଇ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଆହତମାନଙ୍କୁ ଚିକିତ୍ସା ଲାଗି ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଆହତମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି। ଇରାକର ଅଲ-ହାର୍ଥା ବିଦ୍ୟୁତ୍ କେନ୍ଦ୍ର ଦେଶର ପ୍ରମୁଖ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରୁ ଗୋଟିଏ। ଏହାର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ପ୍ରାୟ ୮୦୦ ମେଗାୱାଟ୍। ଦୁର୍ଘଟଣା ସମୟରେ ପ୍ରାୟ ୪୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା। ଅଗ୍ନିକାଣ୍ଡ ଯୋଗୁଁ ପ୍ଲାଣ୍ଟଟି ବନ୍ଦ ହୋଇଯାଇଛି। ଫଳରେ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଛି। ଇରାକୀ ଅଧିକାରୀମାନେ ଅଗ୍ନିକାଣ୍ଡର କାରଣ ତଦନ୍ତ କରୁଛନ୍ତି। ଇରାକୀ ସରକାର ଏପର୍ଯ୍ୟନ୍ତ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରିନାହାନ୍ତି। ଏହି ଘଟଣା ଦେଶର ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନ ଉଠାଇଛି।

ଗ୍ରୀନ୍‌ଲାଣ୍ଡରେ ସେନା ବଢ଼ାଇବାକୁ ଆମେରିକାକୁ ଅନୁମତି

ଡେନମାର୍କ ସଂସଦର ମଞ୍ଜୁରି



ୱାଶିଂଟନ୍, ବିସି, ୨୧/୧୧: ଆର୍କଟିକ୍ ଏବଂ ଉତର ଆଟଲାଣ୍ଟିକ୍‌ରେ ସୁରକ୍ଷାକୁ ମଜବୁତ କରିବା ଲାଗି ଡେନ୍‌ମାର୍କ ସଂସଦ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ମଞ୍ଜୁରି ଦେଇଛି। ଗ୍ରୀନ୍‌ଲାଣ୍ଡ ଏବଂ ଆମେରିକା ସହ ଡେନ୍‌ମାର୍କର ଏହି ଚୁକ୍ତି ହୋଇଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଗତ କିଛି ମାସ ହେଲା ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବାକୁ ଧମକ ଦେଇ ଆସୁଥିବାବେଳେ ସେଥିଯୋଗୁ ସୃଷ୍ଟି ହୋଇଥିବା ଉତ୍ତେଜନାକୁ କମ୍ କରିବା ଏହାର ଉଦ୍ଦେଶ୍ୟ। ୧୯୫୧ ମସିହାରେ ଆମେରିକା ଏବଂ ଡେନ୍‌ମାର୍କ ମଧ୍ୟରେ ହୋଇଥିବା ପ୍ରତିରକ୍ଷା କୁଟାମଣା ଅପରେ ଏହି ଚୁକ୍ତି ଆଧାରିତ। ଏହି ତ୍ରିପାକ୍ଷିକ କୁଟାମଣା ଯୋଗୁ ଆମେରିକା ଗ୍ରୀନ୍‌ଲାଣ୍ଡରେ ନିଜର ସାମରିକ ଉପସ୍ଥିତି ଏବଂ ସୈନ୍ୟ ଠିକଣାକୁ ବିସ୍ତାର କରିପାରିବ। ଉତର ପଶ୍ଚିମ ଗ୍ରୀନ୍‌ଲାଣ୍ଡରେ ଥିବା 'ପିତୁଫିକ୍ ସ୍ପେସ୍ ବେସ୍'ର ବିସ୍ତାର ଏବଂ ଆଧୁନିକୀକରଣ କରିପାରିବ। ଏଥିସହ ନୂତନ ଘାଟି ଏବଂ ଅନ୍ୟ ଆବଶ୍ୟକୀୟ ସୁବିଧା ବନାଇପାରିବ। ତେବେ ଏହାଦ୍ୱାରା ଗ୍ରୀନ୍‌ଲାଣ୍ଡର ରାଜନୈତିକ ସ୍ଥିତି ବଦଳିବ ନାହିଁ। ଅର୍ଥାତ୍ ଏହା ଡେନ୍‌ମାର୍କ ଅଧିକାର କ୍ଷେତ୍ର ମଧ୍ୟରେ ହିଁ ରହିବ। ଡେନ୍‌ମାର୍କ ସଂସଦରେ ଏଥିଲାଗି ହୋଇଥିବା ଭୋଟିଂ ସମୟରେ କୁଟାମଣା ସପକ୍ଷରେ ୧୦୯ଟି ଭୋଟ ପଡ଼ିଥିଲା। ବିରୋଧରେ କେହି ବି ଭୋଟ ଦେଇନଥିଲେ।

ବିହାରକୁ 'ନୀତିଶ ସେତୁ' ଉଦଘାଟନ କଲେ ପ୍ରଧାନମନ୍ତ୍ରୀ ମୋଦୀ



ପାଟନା,୨୧/୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ବୈଶାଳୀ ଜିଲ୍ଲାରେ ଗଙ୍ଗା ନଦୀ ଉପରେ ନୂତନ "ନୀତିଶ ସେତୁ" ଶନିବାର ଉଦଘାଟନ କରିଛନ୍ତି। ଉଦଘାଟନ ସମୟରେ ସେ ଗାମୁହା ଦେଖାଇ ଜନସମାଗମକୁ ସ୍ୱାଗତ କରିଥିଲେ। ଏହି ସେତୁ ଏକ ଛଅ ଲେନ୍ ସେତୁ। ଏହି ପ୍ରକଳ୍ପ ଉତର ଏବଂ ଦକ୍ଷିଣ ବିହାର ମଧ୍ୟରେ ସଡ଼କ ସଂଯୋଗକୁ ଉନ୍ନତ କରିବ ଏବଂ ପାଟନା ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଏକ ବିକଳ୍ପ ରାସ୍ତା ପ୍ରଦାନ କରିବ ବୋଲି ଆଶା କରାଯାଉଛି। ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନାମରେ ନାମିତ, ଏହି ୯.୬୬ କିଲୋମିଟର ଲମ୍ବା ସେତୁ ପ୍ରାୟ ୪,୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। ଏହା ପାଟନାର ଉପକଣ୍ଠରେ ଥିବା ଜଟି ବରଘାଟୁ ବୈଶାଳୀ ଜିଲ୍ଲାର ବିଦୁପୁର ସହିତ ସଂଯୋଗ କରେ। ଏହି ସେତୁ ୧୯.୬ କିଲୋମିଟର ଲମ୍ବା ସଡ଼କ ସଂଯୋଗ ପ୍ରକଳ୍ପର ଏକ ପ୍ରମୁଖ ଅଂଶ, ଯାହା ପାଟନା ଜିଲ୍ଲାର ଘଣ୍ଟି-୨୨ରେ ଥିବା ଜଟି ବରଘାଟୁ ବୈଶାଳୀ ଜିଲ୍ଲାର ଘଣ୍ଟି-୩୨ ରେ ଥିବା ବିଦୁପୁର ସହିତ ସଂଯୋଗ କରେ। 'ଏକ୍‌ସ୍ପ୍ରେସ୍‌ୱେ ଜେରୁଲ୍-ଷ୍ଟେଡ୍' ପ୍ରସ୍ତୁତିବିଦ୍ୟା ବ୍ୟବହାର କରି ନିର୍ମିତ ନୀତିଶ ସେତୁ ମହାତ୍ମା ଗାନ୍ଧୀ ସେତୁ ଏବଂ ଜେପି ସେତୁରେ ଟ୍ରାଫିକ୍ ଭିଡ଼ ହ୍ରାସ କରିବ ବୋଲି ଆଶା କରାଯାଇଛି। ଏହା ବିହାରର ବିଭିନ୍ନ ଅଂଶ ମଧ୍ୟରେ ଯାତ୍ରାକୁ ଦ୍ରୁତ ଏବଂ ଅଧିକ ସୁବିଧାଜନକ କରିବ। ବୈଶାଳୀର ରାଘୋପୁର ବିଆରା ଅଞ୍ଚଳ ତାରିପାଖରେ ଗଙ୍ଗା ନଦୀ ଦ୍ୱାରା ଘେରି ରହିଛି। ଏହି ସେତୁ ଏହାର ବାସିନ୍ଦାଙ୍କୁ ବହୁତ ଲାଭ ଦେବ। ଏହା ପାଟନାରେ ହବ୍ଟାଲ, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧାଗୁଡ଼ିକୁ ସହଜରେ ପହଞ୍ଚ ପ୍ରଦାନ କରିବ। ଏହି ନୂତନ ସଡ଼କ ସଂଯୋଗୀକରଣ କୃଷି ଉତ୍ପାଦ ଏବଂ ଶିଳ୍ପ ସାମଗ୍ରୀର ପରିବହନକୁ ସହଜ କରିବ। ଉତର ବିହାରର ଚାଷୀ ଏବଂ ବ୍ୟବସାୟୀମାନେ ବଜାରରେ ଶୀଘ୍ର ପହଞ୍ଚିପାରିବେ, ଦୂରଯାତ୍ରା ପରିବହନ ସହିତ ଜଡିତ ଅସୁବିଧାକୁ ହ୍ରାସ କରିବେ। ଏହା ରାଜ୍ୟର ଅର୍ଥନୀତିରେ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା କରାଯାଇଛି।

ମା' ସାବିତ୍ରୀ ଦେବୀଙ୍କୁ ଶେଷ ବିଦାୟ ବେଳେ ଯୋଗୀ ଲେଖିଲେ, 'ମା'... ଓମ୍ ଶାନ୍ତି'



ପଟ୍ଟଂର,୨୧/୧୧: ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶନିବାର ଦିନ ନିଜ ମା' ସାବିତ୍ରୀ ଦେବୀଙ୍କୁ ଶେଷ ବିଦାୟ ଦେବା ସମୟରେ ଭାବବିହ୍ୱଳ ହୋଇପଡ଼ିଥିଲେ। ଉତରାଖଣ୍ଡର ପୌରୀ ଗଢ଼ୱାଲ ଜିଲ୍ଲାରେ ଅବସ୍ଥିତ ତାଙ୍କ ପୈତୃକ ଗ୍ରାମ ପଟ୍ଟଂରରେ, ସେ ନିଜ ମା'ଙ୍କ ପାର୍ଥିବ ଶରୀରକୁ କାନ୍ଧରେ ନେଇ ଅନ୍ତିମ ସଂସ୍କାର କରିଥିଲେ। ଏହାପରେ ସେ ମା'ଙ୍କ ଫଟୋଟିକୁରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ମଧ୍ୟ ଜଣାଇଥିଲେ। ୯୧ ବର୍ଷୀୟା ସାବିତ୍ରୀ ଦେବୀଙ୍କ ଗତ ଶୁକ୍ରବାର ସକାଳେ ଦେହାନ୍ତ ହୋଇଥିଲା। ନିଜ ମା'ଙ୍କୁ ଶେଷ ବିଦାୟ ଦେବା ସମୟରେ ଯୋଗୀ ଆଦିତ୍ୟନାଥ ନିଜ ଦୋହଲୁ ଅତଳାର ପାର ନଥିଲେ। ଦୋହି ଯାଇଥିବା ଲୁହକୁ ପୋଛିପୋଛି ମା'ଙ୍କ ଆତ୍ମାର ଶାନ୍ତି କାମନା କରି ଅନ୍ତିମ ସଂସ୍କାର କରିଥିଲେ। ସାବିତ୍ରୀ ଦେବୀଙ୍କ ଦେହାନ୍ତ ପରେ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ସଂକ୍ଷିପ୍ତ ବାର୍ତା ମାଧ୍ୟମରେ ନିଜର ଭାବନା ବ୍ୟକ୍ତ କରି ଲେଖିଛନ୍ତି, 'ମା'... ଓମ୍ ଶାନ୍ତି।'

ଫିଲିପାଇନ୍ସରେ ଏକ ବଡ଼ ବିମାନ ଦୁର୍ଘଟଣା ଟଳିଲା:

ଜରୁରୀକାଳୀନ ଅବତରଣ କଲା ଏୟାର ନିଉଗିନି



ମାନିଲା,୨୧/୧୧: ଫିଲିପାଇନ୍ସରେ ଏକ ଏୟାର ନିଉଗିନି ବିମାନ ଶନିବାର ଜରୁରୀକାଳୀନ ଅବତରଣ କରିଛି। ରିପୋର୍ଟ ଅନୁସାରେ, ବିମାନର ଇଞ୍ଜିନରେ ନିଆଁ ଲାଗିଥିବା ଜଣାପଡ଼ିଥିଲା, ଯାହା ପଛରେ ବିମାନ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ପାଇଲଟଙ୍କ ଉପସ୍ଥିତି ବୁଝି ପେଟାଙ୍ଗୁଁ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଥିଲା ଏବଂ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇଥିଲା। ଫିଲିପାଇନ୍ସ ବିମାନ ଚଳାଚଳ ଅଧିକାରୀମାନେ କହିଛନ୍ତି ଯେ, ଏୟାର ନିଉଗିନିବିମାନଟି ୧୪୬ଜଣ ଯାତ୍ରୀ ଏବଂ କର୍ମଚାରୀଙ୍କୁ ନେଇ ଙ୍ଗଦ୍ପୁ ପାଫୁଆ ନ୍ୟୁଗିନି ଅଭିମୁଖେ ଉଡ଼ାଣ କରୁଥିଲା। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡାଭାଓ ବିମାନବନ୍ଦରକୁ ଅନ୍ୟ ବିମାନ ପାଇଁ ବନ୍ଦ କରିଦିଆଯାଇଥିଲା, ଯାହା ଫଳରେ ବୁଲଡି ଘରୋଇ ବିମାନ ଆସୁଥିବାକୁ ବାଡିଲ କରାଯାଇଥିଲା। ଫିଲିପାଇନ୍ସର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ସୁରକ୍ଷା ଯାଞ୍ଚ ସମାପ୍ତ ହେବା ପରେ ମୁଖ୍ୟ ରନୱେକୁ ପୁଣି ଖୋଲାଯାଇଥିଲା। ଯାତ୍ରୀ ଏବଂ ଚୁ ସଦସ୍ୟମାନଙ୍କୁ ବିମାନବନ୍ଦର ଟର୍ମିନାଲକୁ ନିଆଯାଇ ହୋଟେଲରେ ରହିବା ବ୍ୟବସ୍ଥା କରାଯାଇଥିଲା। ପାଇଲଟ ବିମାନର ଡାହାଣ ଇଞ୍ଜିନରେ ସାଙ୍କି ଚିହ୍ନଟ କରିବା ପରେ ବିମାନ ବନ୍ଦର ସହିତ ଯୋଗାଯୋଗ କରିଥିଲେ। ଫିଲିପାଇନ୍ସର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ମୁଖପାତ୍ର ଏରିକ୍ ଆପୋଲୋନିଓ କହିଛନ୍ତି, ସୁରକ୍ଷା ପ୍ରକ୍ରିୟା ଅନୁସରଣ କରାଯାଇ ଅବତରଣ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ବିମାନର କୌଣସି କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ମିଳିନାହିଁ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡାଭାଓ ବିମାନବନ୍ଦରକୁ ଅନ୍ୟ ବିମାନ ପାଇଁ ବନ୍ଦ କରିଦିଆଯାଇଥିଲା, ଯାହା ଫଳରେ ବୁଲଡି ଘରୋଇ ବିମାନ ଆସୁଥିବାକୁ ବାଡିଲ କରାଯାଇଥିଲା। ଫିଲିପାଇନ୍ସର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ସୁରକ୍ଷା ଯାଞ୍ଚ ସମାପ୍ତ ହେବା ପରେ ମୁଖ୍ୟ ରନୱେକୁ ପୁଣି ଖୋଲାଯାଇଥିଲା।

ଟ୍ରମ୍ପଙ୍କ ପରେ କିଏ : ଉତରାଧିକାରୀ ଦୌଡ଼ରେ ନୂଆ ମୋଡ଼ ଆଣିଲେ ରାଷ୍ଟ୍ରପତି



ୱାଶିଂଟନ,୨୧/୧୧:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳ ଆଉ ଦୁଇ ବର୍ଷରୁ କମ୍ ସମୟ ବାକି ଅଛି, କିନ୍ତୁ ତାଙ୍କ ଉତରାଧିକାରୀଙ୍କୁ ନେଇ ରିପବ୍ଲିକାନ୍ ପାର୍ଟି ଭିତରେ ଆଲୋଚନା ଜୋର୍ ଧରିଛି। ଏହି ସମୟରେ ହ୍ୱାଇଟ୍ ହାଉସରେ ଏପରି କିଛି ଘଟିଛି ଯାହା ୨୦୨୮ ରାଷ୍ଟ୍ରପତି ନିର୍ବାଚନର ରାଜନୈତିକ ଦୃଶ୍ୟପଟକୁ ଆକର୍ଷଣୀୟ କରିଦେଇଛି। ରାଷ୍ଟ୍ରପତି ଟ୍ରମ୍ପ ଏକ ପ୍ରେସ୍ ବ୍ରିଫିଂ ସମୟରେ ତାଙ୍କର ଦୁଇ ସମ୍ଭାବ୍ୟ ଉତରାଧିକାରୀ, ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ରାଜ୍ୟ ସଚିବ ମାର୍କୋ ରୁବିଓଙ୍କୁ ଏକାଠି କରିଥିଲେ। ପ୍ରାୟ ୯୦ ମିନିଟ୍ ଧରି ଚାଲିଥିବା ଏହି ସାମାନ୍ୟିକ ସଚ୍ଚିକନୀରେ ଉଭୟ ନେତା ଟ୍ରମ୍ପଙ୍କ ପଛରେ ଠିଆ ହୋଇଥିଲେ। ଭାନ୍ସଙ୍କୁ ବେଳେବେଳେ ହସୁଥିବାର ଦେଖାଯାଇଥିଲା। ଅପରପକ୍ଷରେ ରୁବିଓ ତାଙ୍କ ଟାଇ ସଜାଡ଼ି ନିଜର ଅସ୍ତ୍ରି ଭାବ ପ୍ରଦର୍ଶନ କରୁଥିବାର ଦେଖାଯାଇଥିଲା। ଉଭୟଙ୍କ ପାଇଁ ଏହା ବେବଳ ଏକ ସାମାନ୍ୟିକ ସଚ୍ଚିକନୀ ନଥିଲା ବରଂ ଟ୍ରମ୍ପଙ୍କ ପ୍ରତି ସେମାନଙ୍କର ରାଜନୈତିକ ବଶ୍ୟତା ଏବଂ ବିଶ୍ୱସ୍ତତା ପ୍ରଦର୍ଶନ କରିବାର ଏକ ସୁଯୋଗ ଭାବରେ ଦେଖାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଟ୍ରମ୍ପ ଶେଷରେ ତାଙ୍କର ମୁଖ୍ୟ କର୍ମଚାରୀ ଷ୍ଟିଫେନ୍ ମିଲରଙ୍କ ନାମ ନେଇ ଏହି ଜଳ୍ପନା ଉତରାଧିକାରୀ ଦୌଡ଼ରେ ଏକ ନୂତନ ମୋଡ଼ ଆଣିଛନ୍ତି। ଟ୍ରମ୍ପଙ୍କ ବର୍ତମାନର କାର୍ଯ୍ୟକାଳ ଶେଷ ହେବା ପରେ ପରବର୍ତୀ ଆମେରିକା ରାଷ୍ଟ୍ରପତି ନିର୍ବାଚନ ୨୦୨୮ ରେ ହେବାକୁ ଯାଉଛି। ଟ୍ରମ୍ପଙ୍କ ପରେ ରାଷ୍ଟ୍ରପତି ପଦ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ଭାବରେ ଜେଡି ଭାନ୍ସ ଏବଂ ମାର୍କୋ ରୁବିଓ ହେଉଛନ୍ତି ଉପରିଲିକାନ ପାର୍ଟିରେ ସବୁଠାରୁ ଚର୍ଚ୍ଚିତ ନାମ। ଟ୍ରମ୍ପ ହ୍ୱାଇଟ୍ ହାଉସର ଜେପ୍ରେସ ବ୍ରିଫିଂ ରୁମରେ ସାମ୍ବାଦିକମାନଙ୍କ ସହ କଥା ହୋଇଥିଲେ। ସେ ଦୁଇ ନେତାଙ୍କୁ ଜଣ ଜଣ କରି ମାଇକ୍ରୋଫୋନ୍ ପାଖକୁ ଡାକିଥିଲେ। ସେମାନଙ୍କ ମନ୍ତବ୍ୟ ଶୁଣିଥିଲେ ଏବଂ ତା'ପରେ ସାମ୍ବାଦିକମାନଙ୍କ ପ୍ରତିକ୍ରିୟା ଦେଖିଥିଲେ। ଟ୍ରମ୍ପ ପୂର୍ବରୁ ସାର୍ବଜନୀନ ଏବଂ ବ୍ୟକ୍ତିଗତ ବୈଠକରେ ଭାନ୍ସ ଏବଂ ରୁବିଓଙ୍କ ବିଷୟରେ ଲୋକଙ୍କ ମତାମତ ମାଗିଛନ୍ତି। କିଛି ମାସ ପୂର୍ବେ ଉଭୟ ନେତା ସମାନ ବ୍ରିଫିଙ୍ଗ୍ ରୁମରେ ଟ୍ରମ୍ପଙ୍କ ଏଜେଣ୍ଡାକୁ ଜରିସାରିଛନ୍ତି। ଉଭୟେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ ଭାବରେ କାର୍ଯ୍ୟ କରୁଥିଲେ। ସାମ୍ବାଦିକ ସଚ୍ଚିକନୀ ସମୟରେ ଜଣେ ସାମ୍ବାଦିକ ଟ୍ରମ୍ପଙ୍କୁ ସିଧାସଳଖ ପ୍ରଶ୍ନ ପଚାରିଥିଲେ, ଭାନ୍ସ ଏବଂ ରୁବିଓଙ୍କ ମଧ୍ୟରୁ କିଏ ଭଲ ରାଷ୍ଟ୍ରପତି ହେବେ ? ଟ୍ରମ୍ପ ତାଙ୍କର ଉତର ହାସ୍ୟରସପୂର୍ଣ୍ଣ ଭାବରେ ଆରମ୍ଭ କରିଥିଲେ, କିନ୍ତୁ ଶୀଘ୍ରରେ ପ୍ରାର୍ଥୀଙ୍କ ନାମ ନେଇ ସମର୍ଥନ କରି ନଥିଲେ। ତେବେ ସାମ୍ବାଦିକ ସଚ୍ଚିକନୀର ଶେଷରେ ସେ ଏକ ହାସ୍ୟରସପୂର୍ଣ୍ଣ ମନ୍ତବ୍ୟ ବେଳେ ସମସ୍ତ ଆଲୋଚନାକୁ ଓଲଟାଇ ଦେଇଥିଲେ। ଟ୍ରମ୍ପ ତାଙ୍କର ନୂତନ ଟିପ୍ ଅଫ୍ ଷ୍ଟାଫ୍ ଷ୍ଟିଫେନ୍ ମିଲରଙ୍କୁ ଚାହିଁଥିଲେ। ମିଲର ଟ୍ରମ୍ପଙ୍କ ନେତୃତ୍ୱ ଏବଂ ସଫଳତାକୁ ପ୍ରଶଂସା କରିଥିଲେ। ଟ୍ରମ୍ପ ତା'ପରେ ଭାନ୍ସ ଏବଂ ରୁବିଓଙ୍କ ଆଡ଼କୁ ଇଙ୍ଗିତ କରି କହିଥିଲେ, ତେବେଁ ନ୍ୟୁଜ୍ ମିଲର ସେମାନଙ୍କ ଉଭୟଙ୍କ ଅପେକ୍ଷା ଭଲ ଅଛନ୍ତି। ତା'ପରେ ସେ ମଜାରେ ମିଲରଙ୍କୁ ପଚାରିଲେ ଯେ, ସେ ରାଷ୍ଟ୍ରପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହାଁନ୍ତିକି ? ଟ୍ରମ୍ପଙ୍କ ମନ୍ତବ୍ୟ ସମ୍ବାଦ ଉତରାଧିକାରୀଙ୍କ ଆଲୋଚନାରେ ତୃତୀୟ ନାମ ଯୋଡ଼ି ଦେଇଛି। ମିଲରଙ୍କୁ ପୂର୍ବରୁ ୨୦୨୮ର ସମ୍ଭାବ୍ୟ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମଧ୍ୟରେ ଜଣେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚନା କରାଯାଇ ନଥିଲା। ବର୍ତମାନ, ଜେ.ଡି. ଭାନ୍ସ ଏବଂ ମାର୍କୋ ରୁବିଓଙ୍କୁ ରିପବ୍ଲିକାନ୍ ପାର୍ଟି ମଧ୍ୟରେ ଟ୍ରମ୍ପଙ୍କ ସବୁଠାରୁ ଶକ୍ତିଶାଳୀ ସମ୍ଭାବ୍ୟ ଉତରାଧିକାରୀ ମଧ୍ୟରେ ବିବେଚନା କରାଯାଉଛି। ଉଭୟ ନେତା ପଦବୀରୁ ଭଲ ବଜୁ ଭାବରେ ସର୍ବସାଧାରଣରେ ଜୁହୁରି। ରୁବିଓ ପୂର୍ବରୁ କହିଛନ୍ତି ଯେ, ଯଦି ଭାନ୍ସ ରାଷ୍ଟ୍ରପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ତେବେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ରିପବ୍ଲିକାନ ସମର୍ଥକଙ୍କ ମଧ୍ୟରେ ଟ୍ରମ୍ପଙ୍କ ପ୍ରଭାବ ଦୃଢ଼ ରହିଛି। ତେଣୁ, ତାଙ୍କର ସମର୍ଥନ ଯେକୌଣସି ପ୍ରାର୍ଥୀଙ୍କ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

"ମୁଁ ଚ୍ୟାଲେଞ୍ଜଗୁଡ଼ିକୁ ଚ୍ୟାଲେଞ୍ଜ ନକରି ରହିପାରିବି ନାହିଁ"



ନୂ ଆଦିଲ୍ଲୀ,୨୧/୧୧: ଆଜି(ଶନିବାର) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ଆଇଆଇଟି ଖଡ଼ଗପୁରର ପ୍ରାତିନମ୍ କୁଟଲି ସମାରୋହରେ ଯୋଗ ଦେଇଛନ୍ତି। ଆଇଆଇଟି ୭୫ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ଛାତ୍ର, ଅଧ୍ୟାପକ ଏବଂ ବିଶେଷ ଅତିଥିମାନଙ୍କୁ ସମ୍ବୋଧିତ କରି ଭାରତର ବିକାଶରେ ପ୍ରତିଷ୍ଠାନର ଅବଦାନ ଉପରେ ଆଲୋକପାତ କରିଥିଲେ । ଏବଂ ବିଷୟରେ କହି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଚ୍ୟାଲେଞ୍ଜଗୁଡ଼ିକର ସାମ୍ନା କରିବା ତାଙ୍କ ବ୍ୟକ୍ତିତ୍ୱର ଏକ ସ୍ୱାଭାବିକ ଅଂଶ। ଏହା ମୋର ସ୍ୱଭାବରେ ଅଛି ଯେ ମୁଁ ଚ୍ୟାଲେଞ୍ଜଗୁଡ଼ିକୁ ଚ୍ୟାଲେଞ୍ଜ ନକରି ରହିପାରିବି ନାହିଁ। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଆଇଆଇଟି ଖଡ଼ଗପୁରର ୭୫ ବର୍ଷର ଯାତ୍ରା ପାରମ୍ପରିକ ପରିବହନ ଏବଂ ଡାକ ଯୋଗାଯୋଗରୁ ବୁଲେଟ୍ ଟ୍ରେନ୍ ଏବଂ ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଭାରତର ପରିବର୍ତନକୁ ପ୍ରତିଫଳିତ କରେ।

ପେରୁରେ ୬.୮ ତୀବ୍ରତାଯୁକ୍ତ ଶକ୍ତିଶାଳୀ ଭୂମିକମ୍ପ: ସୁନାମି ଆ



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଗ୍ୟାରେଜରେ ଅଗ୍ନିକାଣ୍ଡ ଘଟି ଜଳିଗଲା ୩ ବାଇକ



କେନ୍ଦୁଝର,୨୧/୧୧(ନି/ପ):ଅଗ୍ନିକାଣ୍ଡ ଘଟି ଜଳିଗଲା ବାଇକ, ବିତ୍ତିତ ରାତିରେ ଗ୍ୟାରେଜରେ ନିଆଁ ଲାଗି ୩ ବାଇକ ଜଳି ପୋଡି ପାଉଁଶ ହୋଇ ଯାଇଛି । କେନ୍ଦୁଝରଜିଲ୍ଲା ଜାଂଶପାଳ ବ୍ଲକ ନୟାକୋଟ ଥାନା ଭୁଶକଳା ବଜାରରେ ଥିବା ଏସକେ ମୋଟର ବାଇକ ଗ୍ୟାରେଜରେ ହଠାତ ନିଆଁ ଲାଗି ଯାଇଥିଲା । ଅଗ୍ନିକାଣ୍ଡର ଜାରଣ ଅଜ୍ଞଷ୍ଟ ଥିବାବେଳେ ଖବର ପାଇ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଥିଲେ ହେଁ ୩ଟି ବାଇକ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି । ସୂଚନା ଅନୁସାରେ ଭୁଶକଳା ବଜାରରେ ଥିବା ଗ୍ୟାରେଜ ମାଲିକ ଜାହ୍ନା ମହାନ୍ତ ଗତକାଲି ସନ୍ଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ତେବେ ବିଳମ୍ବିତ ରାତିରେ ଗ୍ୟାରେଜ ଚାହାରେ ଥିବା ବାଇକରେ ହଠାତ ନିଆଁ ଲାଗିଯାଇଥିଲା । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ୩ଟି ବାଇକ ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଥିବାବେଳେ ପାଖରେ ଥିବା ଅନ୍ୟ ଯନ୍ତ୍ରାଂଶ, ଆସବାବପତ୍ର ବି ଜଳିଯାଇଛି । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ବାଇକ ଓ ଯନ୍ତ୍ରାଂଶ ନଷ୍ଟ ହୋଇଛି । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଦାଂଶପାଳ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଥିଲେ ହେଁ ୩ ବାଇକ ଜଳିପୋଡି ପାଉଁଶ ହୋଇଯାଇଛି ।

ମଦ ବିରୋଧରେ ଗାଁ ଗାଁରେ ମହିଳା ଲାଠି ବାଡି ଧରି ଏକତ୍ରିତ

ଜୟପୁର,୨୧/୧୧(ନି/ପ):କୋରାପୁଟ ଜିଲ୍ଲାରେ ଚେଇଁଛି ମଦ ବିରୋଧି ଅଭିଯାନ । କୋରାପୁଟ ଜିଲ୍ଲାର ଜୟପୁର, ବୁହୁରା, ବୋରିଗୁମ୍ଭା, ଛୋଟପାଡ ରେ ମହିଳା ମାନେ ଅଳ୍ପ ଚିତ ହୋଇ ଲାଠି ବାଡି ଧରି ମଦ ବେଫାଲିକୁ ଜବ୍ତ୍ତଛନ୍ତି ଚାଉଁଦ । ମଦ ବନ୍ଦ କରିବା ପାଇଁ ପୋଲିସ ଥାନା, ଅବକାରି ଥାନା, ଏସଡିପିଓ ଅଫିସ, ଜିଲ୍ଲାପାଳଙ୍କ ନିଳଟରେ ଦ୍ୱାରସ୍ଥ ହୋଇ ଦାବି ଜବ୍ତ୍ତଛନ୍ତି । ମଦ ବନ୍ଦ ନଳଲେ ରାଜ ରାସ୍ତା କୁ ଓହ୍ଲାରବାକୁ ଚେଉଛନ୍ତି ଚେତାବନି । ଉତ୍ତୁଡିବିଧା ପରେ ଆଖିରେ ଆଉ ନିଦ ନାହିଁ ହାତରେ ବାଡି ଠେଙ୍ଗା ଧରି ଚେତିଛନ୍ତି ମହିଳାମାନେ । ମଦ ବିରୋଧରେ ଜିହ୍ନିଛି ଅଂଟା । ଆରମ୍ଭ ହୋଇଛି ଗୋଟିଏ ସ୍ୱର, ଗୋଟିଏ ନିଃଶ୍ୱାସର ଲଢ଼େର । ହାତରେ ଠେଙ୍ଗାବାଡ଼ି । ରାତି ପାହିଲେ ଥାନା,ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ । ଜେବଡ ସ୍ୱରରେ ସୀମିତ ରହିନି ଆନ୍ଦୋଳନ । ଉଗ୍ର ରୂପ ଧାରଣ କରିଛନ୍ତି ମହିଳା ମାନେ । ବିନରାରି ଗାଁ ଗାଁରେ ଚାଲିଛି ଜଡ଼ା ପହରା । ମଦ ପାଉଚ୍ ଜିୟା ବୋତଲ ମିଳିଲେ ସେଠାରେ ହିଁ ନଷ୍ଟ କରୁଛନ୍ତି । ଜାମଧନ୍ଦା ଛାଡ଼ି ଜୀବନଜୀବିକାକୁ ବାଜି ଲଗାଇ ଦେଇଛନ୍ତି ମହିଳାମାନେ । ଏମିତିକି ପ୍ରଜୟଙ୍କୀ ବନ୍ୟାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିକୁ ବି ପଛରେ ପକାର ଦେଇଛନ୍ତି । ରାତି ପାହିଲେ ଠେଙ୍ଗାବାଡ଼ି ଧରି ଗାଁରୁ ବୁଲ ଓ ଜିଲ୍ଲା ସବରମହକୁମାକୁ ଧାଉଁଛନ୍ତି । ସ୍ୱତଃପ୍ରବୃତ୍ତ ଭାବେ ନିଜ ଅଂଟିରୁ ଟଙ୍କାକାଢ଼ି ଗାଡ଼ି ଭଡ଼ା କରି ପହଂଚି ଯାଉଛନ୍ତି ଆନ୍ଦୋଳନସ୍ଥଳରେ । ମଦ ବିରୋଧରେ ମହିଳାଙ୍କ ଏଭଳି ଆନ୍ଦୋଳନ ପ୍ରଥମ କରି ଦେଖିବାକୁ ମିଳିଛି ଜିଲ୍ଲାରେ । ମହିଳା ଙ୍କ ଗୋଟିଏ ଦଳରା ଗୋଟିଏ ଶପଥ ଜିଲ୍ଲା ମଦମୁକ୍ତ, ନିଶାମୁକ୍ତ ହେବ । ନହେବା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ । ଗତ ୧୬ ତାରିଖରେ ଜୟପୁର ନିବାଚନ ମଣ୍ଡଳିରେ ସମ୍ପୂର୍ଣ୍ଣ ମଦ ବନ୍ଦ ଦାବି ହୋଇଛି । ଏନେଇ ହଜାର ହଜାର ମହିଳା ସାମିଲ ହୋଇ ମଦ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି । ଏନେଇ ଜୟପୁର ରାଜା ନହର ଠାରୁ ହଜାର ହଜାର ମହିଳା ଏହି ଅଭିଯାନ ରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ମୁଖ୍ୟ ରାସ୍ତା ବେଇ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ରେ ପହଂଚିଥିଲା ।ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟ ରେ ଜୟପୁର ଉପ ଜିଲାପାଳ ସୁଲ୍ତା ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ତେଲକୋଇ ବିଧବା ଯୁଆଙ୍ଗ ମହିଳାକୁ ବଳାତ୍କାର ପରେ ହତ୍ୟା କରାଯାଇଛି



କେନ୍ଦୁଝର,୨୧/୧୧(ନି/ପ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ପୋଡାଙ୍ଗ ପଚାଂୟତ ତେନ୍ତୁଳାନାଳୀ ଗ୍ରାମର ବିଧବା ଯୁଆଙ୍ଗ ମହିଳା ଯଶ ଯୁଆଙ୍ଗ ହାଟରୁ ଫେରୁଥିବା ବେଳେ ତାକୁ ବଳାତ୍କାର ଓ ହତ୍ୟା ଉଦ୍ୟମ କରି ମୁର୍ମୁଷ ଅବସ୍ଥାରେ ଅଭିଯୁକ୍ତ ମାନେ ଛାଡି ପଳାଇଯାଇଥିଲେ କ୍ଷ ସକାଳେ ଦୃଷ୍ଟର୍ମ ପାଡିଡା ମହିଳା ଯୁଆଙ୍ଗ ଆଦିବାସୀ ସମ୍ପ୍ରଦାୟର ଜନଜାତି ଅଟନ୍ତି, ତାକୁ ଏକ ଗଛ ପାଖରୁ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ତେଲକୋଇ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆ ଯାଇଥିଲା । ଅତ୍ୟାଧିକ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ହେବାରୁ ପାଚିତାକୁ ଜଟକର ଏସସ୍ପି ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ମହିଳା ଜଣକ ଜଟକ ମେଡ଼ିକାଲରେ ମୃତ୍ୟୁବରଣ କରିଛନ୍ତି । ଏ ଘଟଣାରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ଉଦବେଗ ପ୍ରକାଶ କରିଛି,ଜିଲ୍ଲା କଂଗ୍ରେସ କମିଟିର ସଭାପତିଙ୍କ ମନୋଜ କୁମାର ଜେନା ଘଟଣାର ତଦନ୍ତ କରି ପୋଲିସ ଏବଂ ସରକାର ଠାରେ ବୃତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି ଏବଂ ତୁରନ୍ତ ଘଟଣା ସ୍ଥଳକୁ ଯାଇ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଆଦିବାସୀ ଯୁଆଙ୍ଗ ମହିଳାଙ୍କ ପ୍ରତି ଅତ୍ୟାଚାର ଓ ପରେ ମୃତ୍ୟୁ ଆଦିବାସୀ ମାନଙ୍କ ପ୍ରତି କ୍ରମାଗତ ଭାବେ କେନ୍ଦୁଝର ଜିଲ୍ଲା ଓ ଓଡିଶା ରେ ହେଉଥିବା ଅତ୍ୟାଚାର ଜରାଯିବ ନାହିଁ । ଏଥିପାଇଁ ପୂର୍ବତନ ସାଂସଦ ଙ୍କଦୁତ୍ତା ଲାଗୁରି ଙ୍କ ନେତୃତ୍ୱରେ ୭ ଜଣିଆ ଜିଲ୍ଲା କଂଗ୍ରେସ ପ୍ରତିନିଧି ବଳ ଆଜି ଘଟଣା ସ୍ଥଳ ପରିଦର୍ଶନ କରିଥିଲେ । ଏହି ତଦନ୍ତ କମିଟିରେ ସଂଯୋଜକ ଭାବେ ପୂର୍ବତନ ସାଂସଦ ପ୍ରାର୍ଥୀ ଙ୍କ ବିନୋଦ ବିହାରୀ ନାଏକ ଓ ସଦସ୍ୟ ଭାବେ ଲଳିତ ମୋହନ ନାୟକ, ପ୍ରତିଭା ମଞ୍ଜରୀ ନାଏକ, ସୁଜତ କୁମାର ସେଠି,ଗୁଣେଶ କୁମାର ଧୀରଙ୍କ ସହିତ ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, କଂଗ୍ରେସ ନେତା ବିଲ୍ଲାପ କୁମାର ସାହୁ, ଉତ୍ତମ କୁମାର ସାହୁ, ବ୍ଲକ ସଭାପତି ସୁଦାସ ପ୍ରଧାନ ଓ ଦାପକ କୁମାର ମୁଖୀ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଘଟଣାର ତଦନ୍ତ କରିଥିଲେ ଏବଂ କଂଗ୍ରେସ ଦଳ ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସାହାଯ୍ୟ କରିଥିଲେ । ପରେ କେନ୍ଦୁଝର କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା ।

ଚାନ୍ଦବାଲିରେ ସମ୍ଭାବ୍ୟ ବାତ୍ୟା ଆକ୍ଳାନ ପାଇଁ ସତର୍କ କଲା ପ୍ରଶାସନ

ଭଦ୍ରକ,୨୧/୧୧(ନି/ପ): ସମ୍ଭାବ୍ୟ ବାତ୍ୟା ଆକ୍ଳାନ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତା ଏବଂ ମତ୍ସ୍ୟଜିବୀ ମାନଙ୍କୁ ସତର୍କ କରାଯାଇଛି । ଏହି ପରିପ୍ରେକ୍ଷୀରେ ଧାମରା ଠାରେ ମତ୍ସ୍ୟ ବିଭାଗ ମତ୍ସ୍ୟଜିବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ଏବଂ ବଙ୍ଗୋପସାଗର ମଧ୍ୟରେ ମାଛ ମାରୁଥିବା ମତ୍ସ୍ୟଜିବୀ ମାନେ ସମୁଦ୍ର ମଧ୍ୟରୁ ଉପକୂଳ କୁ ଫେରି ଆସିବା ପାଇଁ ଚାହବାଳି ଯନ୍ତ୍ର ଏବଂ ବେତାର ଯନ୍ତ୍ର ମାଧ୍ୟମରେ ଜଣାଇବିଆସାଇଛି । ଏହିପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ପ୍ରଶାସନ ମଧ୍ୟ ଆକ୍ଳାନ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ୨୦ତାରିଖ ଦିନ ବନ୍ଦ ରଖିବାକୁ ନିର୍ଦ୍ଦେଶ ମଧ୍ୟ ଦିଆସାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସିଭିୟର ସାଇକ୍ଲୋନିକ ଷ୍ଟର୍ମ ଆକ୍ଳାନ ୨୦ତାରିଖ ମଧ୍ୟାହ୍ନ ସୁଦ୍ଧା ଦକ୍ଷିଣ ଓଡିଶା ଉପକୂଳ ନରସାପୁର ଏବଂ ପୁରୀ ମଧ୍ୟରେ ସ୍ଥଳ ଭାଗକୁ ଛୁଇଁବ।

ଲଗାଣ ବର୍ଷା ମଧ୍ୟରେ ଘାଇ ଓ ନଦୀବନ୍ଧର ସ୍ଥିତି ଯାଚଁରେ ଜଳ ସମ୍ପଦ ବିଭାଗର ଅଧିକାରୀ



ଭୁବନେଶ୍ୱର,୨୧/୧୧(ନି/ପ): ଲଗାଣ ବର୍ଷା ଜାରି ରହିଥିବା ପରିପ୍ରେକ୍ଷୀରେ ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ବିଭିନ୍ନ ପୁନରୁଦ୍ଧାର ଘାଇ, ଦୁର୍ବଳ ନଦୀବନ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଜଳନିର୍ଗମ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୁନରୁଦ୍ଧାର କାର୍ଯ୍ୟର ସ୍ଥାୟୀତ୍ୱ ଓ ସୁରକ୍ଷା ଯାଞ୍ଚ କରିବା ଏହି ନିରୀକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ। ଗୁରୁତ୍ୱପୂର୍ଣ୍ଣ ନଦୀର ବାମପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ବନ୍ଧର ଭାମପୁର, କୋଇଦାସପୁର ଓ ପୁରୁଷୋତମପୁର ଅଞ୍ଚଳର କୁମାରୀ ଗ୍ରାମ ନିକଟରେ ପୂର୍ବରୁ ପୁନରୁଦ୍ଧାର ହୋଇଥିବା ଘାଇ ସ୍ଥଳଗୁଡ଼ିକୁ ଅଧିକାରୀମାନେ ଯାଞ୍ଚ କରିଥିଲେ। ନଦୀବନ୍ଧର ସ୍ଥିରତା, ଜଳ ନିର୍ଗମନ ଓ ମାଟି କ୍ଷୟ ଭଳି ସମ୍ଭାବ୍ୟ ବିପଦ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ହାରାଧରାବତୀ ଆନିକଟ ନିକଟସ୍ଥ ଘାଇ ସ୍ଥଳରେ ପୁନରୁଦ୍ଧାର କାର୍ଯ୍ୟ ଓ ଫଲସ୍ୱ ବନ୍ୟା ସୁରକ୍ଷା ଜିନିଭୁମିର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଅନ୍ୟ ଏକ ନିରୀକ୍ଷଣରେ ଉପଖଣ୍ଡ ଅଧିକାରୀ, ସହରାରୀ ଯନ୍ତ୍ରୀ ଓ କ୍ଷେତ୍ର କର୍ମଚାରୀମାନେ ପିଲାସାଲିକି ବ୍ୟାମ୍ ଏବଂ ଏହାର ଅଗ୍ରେଟ୍ ବିହୀନ ଜଳ ନିଷ୍କାସନ ପଥର ସ୍ଥିତି ଯାଚଂକରିଥିଲେ। ବିଭାଗ ପକ୍ଷରୁ ଦୁର୍ବଳ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କ୍ଷେତ୍ରସ୍ତରୀୟ ନିରୀକ୍ଷଣ ଜାରି ରହିଛି। ପୁନରୁଦ୍ଧାର ହୋଇଥିବା ନଦୀବନ୍ଧ ଓ ଜଳ ଜିନିଭୂମିର ନିୟମିତ ଯାଚଂ ସହ ଆବଶ୍ୟକ ସ୍ଥଳେ ତୁରନ୍ତ ପଦକ୍ଷେପ ନିଆଯାଉଛି।

ବାତ୍ୟା ପରେ ଏବେ ଲଗାଣ ବର୍ଷା ଯୋଗୁଁ ଜଳବନ୍ଦୀ ଚିନ୍ତା



ବ୍ରହ୍ମପୁର,୨୧/୧୧(ନି/ପ): ବାତ୍ୟା 'ଅବଲାନ' ପ୍ରଭାବରେ ଏବେ ସମଗ୍ର ରାଜ୍ୟରେ ବର୍ଷା ଲାଗି ରହିଛି । ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ସ୍ଥାନରେ ଜଳବନ୍ଦୀ ଭଳି ସମସ୍ୟା ଦେଖାଦେଇଥିବାବେଳେ ଲୋକଙ୍କ ଘରେ ପାଣି ପଶିଯାଇଛି । ବିଶେଷ କରି ଗଂଜାମର ଗୋପାଳପୁର ଓ ବ୍ରହ୍ମପୁର ସହରରେ ଲୋକଙ୍କ ଘରେ ପାଣି ପଶିଯାଇଥିବାବେଳେ ଚଳିଆ ଅଂଚଳରେ ଲୋକମାନେ ଜଳବନ୍ଦୀ ସମସ୍ୟାରେ ଥିବାର ନଜର ଆସିଛି । ତେବେ ଏନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ବ୍ରହ୍ମପୁର ଓ ବିଗପହଣ୍ଡି ଭଳି ସହରାଂଚଳ ରାସ୍ତା ଉପରେ ଅଧିକ ବର୍ଷା ଜନିତ ଜଳ ଯୋଗୁଁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଟିମ୍ ମୋତର ବ୍ୟବସ୍ଥା ସହିତ ନିୟୋଜିତ ରହି କାର୍ଯ୍ୟ କରୁଛନ୍ତି । ଉଲ୍ଲେଖ ଥାଉ କି, ଆଜି ସକାଳ ୮.୩୦ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ବର୍ଷାର ପରିମାଣ ରେକର୍ଡ କରାଯାଇଛି ।ଅଧିକ ବର୍ଷା ହୋଇଥିବା ଜିଲ୍ଲା ମଧ୍ୟରେ ଗଂଜାମ ଜିଲ୍ଲାରେ ୧୧୪ .୬ ମି.ମି., କେନ୍ଦ୍ରାପଡାରେ ୬୪.୬ ମିମି. ପୁରୀରେ ୬୧ .୧ , ଜଗତସିଂହପୁରରେ ୫୧ .୩ , ଭଦ୍ରକରେ ୫୦.୯, ମୟୁରଭଂଜରେ ୪୩ .୯, ବାଲେଶ୍ୱରରେ ୪୩.୭ ,ଜଟକରେ ୪୦.୪, ଯାଜପୁରରେ ୩୭.୫ , ନୟାଗଡରେ ୩୩ .୮, କନ୍ଧମାଳରେ ୩୩ .୫, ଢେଙ୍କାନାଳରେ ୩୨.୪, କେନ୍ଦୁଝରରେ ୨୯ .୮, ଖୋର୍ଦ୍ଧାରେ ୨୪ .୫, ବଲାଙ୍ଗୀରରେ ୨୪.୪ ଗଜପତିରେ ୨୧.୯ ମି.ମି ବର୍ଷା ହୋଇଛି । ସମସ୍ତ ଜିଲ୍ଲାରେ ବର୍ଷା ହୋଇଛି । ତେବେ ଏନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ବ୍ରହ୍ମପୁର ଓ ବିଗପହଣ୍ଡି ଭଳି ସହରାଂଚଳ ରାସ୍ତା ଉପରେ ଅଧିକ ବର୍ଷା ଜନିତ ଜଳ ଯୋଗୁଁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି ।

ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବର୍ଷା ଜାରି, ଜିଲ୍ଲାରେ ମୋଟ ୧୨୬ ମିଲିମିଟର ବର୍ଷା

କେନ୍ଦ୍ରାପଡ଼ା,୨୧/୧୧(ନି/ପ): ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଂଚଳରେ ପାଗ ହୋହଲା ରହିବା ସହିତ ଝିପିଝିପିରୁ ମଧ୍ୟମ ଧରଣର ବର୍ଷା ଲାଗିରହିଛି । ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ଆଜି ଅପରାହ୍ନ ୪ଟା ସୁଦ୍ଧା ଜାରି କରାଯାଇଥିବା ସରକାରୀ ବର୍ଷା ଣିପୋର୍ଟ ଅନୁଯାୟୀ, ସମସ୍ତ ଜିଲ୍ଲାରେ ମୋଟ ୧୨୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାର ସମସ୍ତ ୯ଟି ବ୍ଲକକୁ ହିସାବକୁ ନେଲେ ହାରାହାରି ୧୪ ମିଲିମିଟର ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।ବ୍ଲକଓ୍ୱାରୀ ବର୍ଷା ପରିମାଣକୁ ଅନୁଧ୍ୟାନ କଲେ ଉପକୂଳବର୍ତୀ ମହାକାଳପଡ଼ା ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ଦେଖିବାକୁ ମିଳିଛି । ମହାକାଳପଡ଼ା ବ୍ଲକରେ ସର୍ବାଧିକ ୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପଟାମୁଣ୍ଡାଇ ବ୍ଲକରେ ୧୯ ମିଲିମିଟର ଏବଂ ଗରଡପୁର ବ୍ଲକରେ ୧୮ ମିଲିମିଟର ବର୍ଷା ଅନୁଭୂତ ହୋଇଛି । ସେହିପରି ଆଳି ବ୍ଲକରେ ୧୬ ମିଲିମିଟର, ମାର୍ଶାଘାଇ ବ୍ଲକରେ ୧୪ ମିଲିମିଟର ଏବଂ ରାଜନଗର ବ୍ଲକରେ ୧୧ ମିଲିମିଟର ବର୍ଷା ହୋଇଥିବା ରିପୋର୍ଟରେ ବର୍ଣ୍ଣାଯାଇଛି । ଅନ୍ୟପକ୍ଷରେ ରାଜକନିକା ବ୍ଲକରେ ୯ ମିଲିମିଟର, କେନ୍ଦ୍ରାପଡ଼ା ବ୍ଲକରେ ୮ ମିଲିମିଟର ଏବଂ ଡେରାବିଶ ବ୍ଲକରେ ସର୍ବନିମ୍ନ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଲଗାଣ ବର୍ଷା ଓ ଜୋହଲା ପାଗ ଯୋଗୁଁ ସମଗ୍ର ଜିଲ୍ଲାରେ ଜନଜୀବନ ସାମାନ୍ୟ ପ୍ରଭାବିତ ହୋଇଛି । ବିଶେଷକରି ମହାକାଳପଡ଼ା, ପଟାମୁଣ୍ଡାଇ, ଗରଡପୁର ଏବଂ ଆଳି ଭଳି ଅଂଚଳରେ ଚୁହାକୁ ଚୁହା ବର୍ଷା ଲାଗି ରହିଥିବାରୁ ସାଧାରଣ ଲୋକେ ଘରୁ ବାହାରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଜାରଘାଟ ଓ ରାସ୍ତାଘାଟରେ ଲୋକଙ୍କ ଚଳପ୍ରଚଳ ଅପେକ୍ଷାକୃତ କମ୍ ଦେଖିବାକୁ ମିଳିଛି। ଥଣ୍ଡା ପବନ ସହିତ ବର୍ଷା ହେଉଥିବାରୁ ଶୀତର ପ୍ରକୋପ ମଧ୍ୟ ସାମାନ୍ୟ ବୃଦ୍ଧି ପାଇଛି । ଅନ୍ୟପଟେ, ଅବିନିଆ ବର୍ଷାକୁ ନେଇ ଜିଲ୍ଲାର ଚାଷୀକୁଳଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ବର୍ତମାନ ଖରିଫ ଧାନ ଅମଳ ସମୟ ହୋଇଥିବାରୁ ବିଲରେ ପାଚିଲା ଧାନ ଜଟା ହୋଇ ପଡ଼ିରହିଛି । ଏଭଳି ପରିସ୍ଥିତିରେ ଲଗାଣ ବର୍ଷା ଜାରି ରହିଲେ ଅମଳକ୍ଷମ ଧାନ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ଅନେକ ସ୍ଥାନରେ ଚାଷୀମାନେ ଜଟା ହୋଇଥିବା ଧାନକୁ ସୁରକ୍ଷିତ ସ୍ଥାନକୁ ଆଣିବା ଓ ପଲିଥିନ୍ ଘୋଡ଼ାଇ ରଖିବା ପାଇଁ ତତ୍ପରତା ପ୍ରକାଶ କରୁଥିବା ଦେଖାଯାଇଛି । ଏହାସହିତ ପନିପରିବା ଓ ରବି ଫସଲ ଉପରେ ମଧ୍ୟ ଏହି ବର୍ଷାର ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି ।ସମ୍ଭାବ୍ୟ ବାତ୍ୟା ଓ ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରାଯାଇଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟେକ ବ୍ଲକର ବର୍ଷା ଓ ପାଣିପାଗ ସ୍ଥିତି ଉପରେ ୨୪ ଘଟିଂଆ ନଜର ରଖାଯାଇଛି । ଆସାମୀ କିଛି ଘଂଟା ମଧ୍ୟରେ ବର୍ଷାର ତୀବ୍ରତା ବଢ଼ିବାର ସମ୍ଭାବନା ଥିବାରୁ ଜିଲ୍ଲାବାସୀଙ୍କୁ ସତର୍କ ରହିବା ସହିତ ଅଯଥାରେ ବାହାରକୁ ନବାହାରିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

କଦମପଡ଼ା ଶିଶୁମନ୍ଦିରରେ ଛାତ୍ରଛାତ୍ରୀଙ୍କ ଗଣିତ ହାଟ

ବଲାଙ୍ଗୀର,୨୧/୧୧(ନି/ପ): ବଲାଙ୍ଗୀରସ୍ଥ କଦମପଡ଼ାର ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ "ଗଣିତ ହାଟ" ବିଦ୍ୟାଳୟ ପରିସର ମଧ୍ୟରେ ଉପ ସଭାପତି ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ପୌରପାଳିକା ଅଧକ୍ଷ ଜିତା ସାହୁ ଯୋଗ ଦେଇଥିଲେ। ସମବେତ ସଙ୍ଗୀତ ଗାନ ତୃତୀୟରୁ ପଂଚମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର ଅତିଥି ପରିଚୟ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି କାର୍ଯ୍ୟକ୍ରମର ପ୍ରଶଂସା କରିଥିବାବେଳେ ସଂଯୋଜନା ସୁତ୍ରମା ଭାରତୀ ସାହୁ କରିଥିଲେ। ଧନ୍ୟବାଦ ଅର୍ପଣ

ବିବିଧା



ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ 'ଚକ୍ରାନ୍ତ'

ପିଢ଼ିଆର ଛାଡ଼ି ଅନେକ କାହାରକୁ ଆଧାରିତ। କିଏ ପାଠ ପଢ଼ିବା ଲାଖାଏଁ ତ କିଏ ଚାକିରି କରିବା ଉଦ୍ଦେଶ୍ୟରେ। ମାତ୍ର ଅନେକ ସମୟରେ ଆମ ଜୀବନର ପ୍ରକୃତ ଲକ୍ଷ୍ୟକୁ ପଛରେ ଛାଡ଼ି ସମୟ, ପରିସ୍ଥିତି ସହ ଆମେ ଭିନ୍ନ ମୋଡ଼ରେ ପାଦ ଦେଇଥାଉ। ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଥିବା 'ଚକ୍ରାନ୍ତ' ଚଳଚ୍ଚିତ୍ରରେ ମଧ୍ୟ ଏଭଳି କିଛି କାହାଣୀ ଦେଖିବାକୁ ମିଳିବ। ଏହି ସିନେମାଟି ଆସନ୍ତା ଜାନୁଆରୀ ମାସରେ ମୁକ୍ତିଲାଭ କରିବାକୁ ଯାଉଛି। ରଚନା ଓ ନୋମାନ୍ବୁଲ ଲଭା ଏଲ ପିକ୍ଚର୍ସ ବ୍ୟାନରରେ ନୋମାନ୍ ଏଣ୍ଟରଟେନମେଣ୍ଟ ପ୍ୟାଜେକ୍ଟ୍ ଯୋଗିଥିରେ ଉତ୍ପାଦିତ ଏହି ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଜିତେନ୍ଦ୍ର କୁମାର ଚଲାଲ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ଚନ୍ଦିନର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାତ୍ର, ସୁମନ୍ ମହାନ୍ତି ପ୍ରମୁଖଙ୍କ ସହ ଅତିଥି କଳାକାର ରାଜେ ଅଶୁମୋଦନ ମହାନ୍ତି ଅଭିନୟ କରିଛନ୍ତି। ■





ବ୍ରହ୍ମପୁରର ପର୍ଶୁ

କେ ଜଣେ ଉଚ୍ଚକୋଟୀର ଅଭିନେତା। ସେ ଯେଉଁ ଚରିତ୍ରରେ ଅଭିନୟ କରନ୍ତି, ଦର୍ଶକଙ୍କ ହୃଦୟରେ ଏକ ନିଆରା ଛାପ ଛାଡ଼ି ଯାଆନ୍ତି। ଆଗାମୀ ଚଳଚ୍ଚିତ୍ର 'ଇଚ୍ଛା'ରେ ତାଙ୍କୁ ସେମିତି ଏକ ଜମ୍‌ଦାର ଚରିତ୍ର ମିଳିଛି। ପର୍ଶୁ ଜେନା ଯିଏ କି ଚଳଚ୍ଚିତ୍ରର ମୁଖ୍ୟ ଖଳନାୟକ। ବ୍ରହ୍ମପୁର ସହର ତା' କଥାରେ ତାଲେ। ରାଜନୈତିକ ମହଲରେ ବି ତା'ର ବେଶ୍ ଭଲ ହାତ। ନାୟକ ସହିତ ତା'ର ସାଙ୍ଗମାନେ ପରିସ୍ଥିତିରେ ପଡ଼ି ପର୍ଶୁ ଜେନା ଗାଖାରେ ଯୋର ଦଅନ୍ତି। ପର୍ଶୁ ସେମାନଙ୍କୁ ଶରର ଦିଏ, ଜାମ ଦିଏ। କିନ୍ତୁ ଏଭଳି ସମୟ ଆସେ ସେମାନେ ପର୍ଶୁକୁ ଆଉ ମାନନ୍ତି ନାହିଁ। ଏଇଠାରୁ କାହାଣୀ ମୋଡ଼ ନିଏ। ଆଉକୁ କ'ଣ ଘଟେ, ତାହା ପିଲ୍ଲା ଦେଖିଲା ପରେ ଦର୍ଶକଙ୍କୁ କହି ପାରିବେ। ଡିସେମ୍ବର ମାସରେ ସିନେମା 'ଇଚ୍ଛେ' ମୁକ୍ତିଲାଭ କରୁଛି। ନିଜ ଚରିତ୍ରକୁ ଯଥେଷ୍ଟ ନ୍ୟାୟ ଦେବାକୁ ସେ ଚେଷ୍ଟା କରିଛନ୍ତି ଏବଂ ଦର୍ଶକଙ୍କୁ ଏହା ଭଲ ଲାଗିବ ବୋଲି ସେ କହିଛନ୍ତି। ■

ଏଥର, ଏ ପ୍ରତିଷ୍ଠା

ନିର୍ଦ୍ଦେଶକ ର। ଜ କୁ ମା ର ହିରାନୀଙ୍କ ପିଲ୍ଲା 'ଥ୍ରୀ ଇଡିୟଟସ୍'କୁ ଲୋକେ ଏବେ ବି ଦେଖିବାକୁ ପସନ୍ଦ କରୁଛନ୍ତି। ଏହାରିତିରେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ହେଉଥିଲା। ଏବେ ନିର୍ମାତା ଏହାର ସିକ୍ୱେଲର ଅଘାତ୍ୟା ନାମକରଣ କରିଛନ୍ତି। ଏହାର ନାଁ '୪ ଇଡିୟଟସ୍' ରଖାଯାଇଛି। ଆଗକୁ ଏହାର ନାଁରେ ପରିବର୍ତ୍ତନ ବି ହୋଇପାରେ। ଯଦିଓ ସିକ୍ୱେଲର କାହାଣୀ ପୂର୍ବରୁ ଲିଙ୍କ ହୋଇସାରିଛି, ତଥାପି ୨୦୨୬ରେ ଏହାର ସୁଟିଂ ଆରମ୍ଭ ହେବା କୁହାଯାଉଛି। ସେହିପରି ସିକ୍ୱେଲରେ ତତୁର୍ଥ ଇଡିୟଟର ସନ୍ଧାନରେ ଏବେ ଏହାର ନିର୍ମାତା ଅଛନ୍ତି। ପ୍ରଥମ ଭାଗ ତୁଳନାରେ ଏହାର ସିକ୍ୱେଲ ଯେଉଁଠି ଅଧିକ ଭଲ ହେବ, ସେ ବିଷୟରେ ପ୍ରକାଶ ପାଇଛି। ଅନ୍ୟମଧ୍ୟରେ ୨୦୦୯ ମସିହାରେ ମୁକ୍ତିଲାଭ କରିଥିଲା। ଏହାର ମୁଖ୍ୟ ଚରିତ୍ରରେ ଅମିର ଖାନ, ଆର୍ ମାଧବନ, ଶରମନ ଯୋଶୀ ଏବଂ କରିନା କପୁର ସାମିଲ ଥିଲେ। ବକ୍ସ ଅଫିସ୍‌ରେ ଏହା ପ୍ରାୟ ୨୦୦ କୋଟିର ବ୍ୟବସାୟ କରିଥିଲା। ■



ଫି' ପାଇଁ ଚର୍ଚ୍ଚାରେ ସନ୍ନି



ବ୍ୟଶୀଘ୍ର ଆସିବାକୁ ଯାଉଛି ହିନ୍ଦୀ ସିନେମା 'ବର୍ଡର-୨'। ଏହା ୧୯୯୭ ମସିହାରେ ସୁପରହିଟ୍ ପିଲ୍ଲା 'ବର୍ଡର'ର ସିକ୍ୱେଲ। ଏହି ସିନେମାରେ ଜଣେ କଳାକାରଙ୍କ ପାରିଶ୍ରମିକକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ତେବେ ପିକ୍ଚର ମୁଖ୍ୟ ଚରିତ୍ରରେ ସନ୍ନି ଦେଓଲ ନଜର ଆସିବେ। ଏହି ସିନେମାରେ ସେ ସବୁଠୁ ଅଧିକ ପାରିଶ୍ରମିକ ଦାବି କରିଥିବା କୁହାଯାଉଛି। ଏପରିକି ଉକ୍ତ ସିନେମାର ସେ ହେଲେ ଦାମୀ ଅଭିନେତା। ସେ ୫୦ କୋଟି ଟଙ୍କା ନେବେ। ତାଙ୍କର ଏହି ଫି' 'ବର୍ଡର' ସିନେମା ତୁଳନାରେ ୪୦ ଗୁଣ ଅଧିକ। ଯାହାଣ ଏଙ୍କ ଦିଇଜିତ୍ ମଧ୍ୟ 'ବର୍ଡର ୨' ସିନେମାରେ ନଜର ଆସିବେ। ଏହି ଥ୍ରାର୍ ସିନେମା ଲାଗି ବରୁଣଙ୍କୁ ୧୫-୨୦ କୋଟି ଟଙ୍କା ଦିଆଯିବା ସେହିପରି ବଲିଉଡ୍‌କୁ ପ୍ରାୟ ୧୦ କୋଟି ଦିଆଯିବ। ଅନ୍ୟପକ୍ଷେ ଏହି ସିନେମାଟି ୨୦୨୬ ମସିହା ଜାନୁଆରୀ ୨୩ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ■

ଅଭିନୟ ଓ ଜୀବନ ଯାତ୍ରା

ଅନେକେ ପିଲାଦିନେ କଳାକାର ହେବାକୁ ସ୍ୱପ୍ନ ଦେଖନ୍ତି କାହାର ସ୍ୱପ୍ନ ସତ ହୁଏ ଆଉ କାହାର ସ୍ୱପ୍ନ ଅଧାରେ ରହି ।ଏ ତେବେ ସଫଳ କଳାକାର ହେବାକୁ ହେ ପରି ମ ସାଧନା କରିଥାଆନ୍ତି ଏମିତି ଜଣେ କଳାକାର ହେଉଛନ୍ତି ।ଯୁଧିଷ୍ଠିର ଗୋଶନ ରାଉତ, ଁଏ ଁଷ୍ଟର ପ୍ରତିଷ୍ଠା ବଳରେ ଅଭିନେତା ଭାବେ ଖ୍ୟାତି ଅର୍ଜନ କରିପାରିଛନ୍ତି ଁନମା ଦେଖୁ ଅଭିନେତାଟିଏ ହେବାକୁ ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ ସ୍ୱପ୍ନ ପୂରା କରିବାକୁ ପ୍ରଥମେ ସେ ଡ୍ୟାନ କାସରେ ଼ । ଦେଇଥିଲେ ପରେ ପରେ 'ଶତ ୀର କଳାକାର' ଥ ଏଂଟରରେ ଜୀବନ୍ତ ଁଷ୍ଟି କରି ପ୍ରଶଂସିତ ହୋଇଥିଲେ ପରବ ୀ ସମୟରେ ଅଡିସ ଦେଇ ଧାରାବାହିକରେ ଅଭିନୟ କରିବାର ସୁଯ । ପାଇ ଲେ ରୋଶନ ଏବେ ସେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ 'ଇଜି' ଭୂମିକାରେ ଅଭିନୟ କରୁଛନ୍ତି ରୋଶନ ଁଙ୍କୁ ଜାଣିବା ତା ସଂ ର୍ଷର କାହାଣୀ

ମଞ୍ଚ ପରେ ସବୁଠି ଅଭିନୟ କରିବା ସହଜ"

ରୋଶନ ରାଉତ, ଅଭିନେତା

ମଞ୍ଚ ଅଭିନେତାହୋଇ ଧାରାବାହିକକୁ କାହିଁକି ଆପାଣ୍ଡାଇଲେ?

● ପିଲାଦିନେ ଅଧାରାତି ଯାଏଁ ପୁଁ ସବୁ ହିନ୍ଦୀ ସିନେମା ଦେଖୁଥିଲି। ହେଲେ ପଢ଼ାରେ ବେତେ ଅବହେଳା କରୁନଥିଲି। ସିନେମା ଦେଖି ଅଭିନୟ ପ୍ରତି ନୋାର ତୁବଁକନା ବଢ଼ିଥିଲା। ବ୍ୟାବଜ ଶ୍ରେଣୀରେ ନୃତ୍ୟ ଶିଖିବା ଆରମ୍ଭ କଲି। କଲେଜ ପରେ 'ଖଡାକାର ଭାଜାକାର' ଥିଏଟରରେ ଯୋଗ ଦେଇଥିଲି। ଏବଂ ଅଭିନୟ୍ୟ ମୋର ଅଭିନୀତ ପ୍ରଥମ ମଞ୍ଚ ନାଟକ। ଏଥିରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି। ପରେ ପରେ 'କୋଟି ବ୍ରହ୍ମାଣ୍ଡର ସୁନ୍ଦରୀ', 'ବିଶ୍ୱର୍ଣ୍ଣ ଭାରତ', 'ଚନ୍ଦ୍ରାଲୋକର ପ୍ରତନ୍ନା ', 'ବାବାଜୀ' ଆଦି ମଞ୍ଚରେ ବିନା କର୍ ଜି ଓକରେ ଙ୍କାପ କୁହାଯାଏ। ତେବେ କ୍ୟାମେରା ସାମ୍ନାରେ ଅଭିନୟ କରିବା ପୂର୍ବରୁ କିଛି ଟେକ୍ନିକାଲ୍ ଜ୍ଞାନ ଙ୍ଗପର୍ଯ୍ୟନ୍ତ ଜାଣିବାକୁ ପଡ଼ିଥାଏ। ତେଣୁ ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ରୁୟ ଲାଗିଥିଲା। ସିନିୟର୍ କଳାକାରଙ୍କଠାରୁ କାମ ଶିଖିଥିଲି। ପରେ କ୍ୟାମେରା ସହିତ ଅଭ୍ୟସ୍ତ ହୋଇଯାଇଥିଲି।

ସୁଟିଂ ନଥିଲେ କ'ଣ କରନ୍ତି?

● ଓଡ଼ିଶାର ସଂସ୍କୃତି, ଇତିହାସ, ପୌରାଣିକ ଦାସିଦ୍ଧିଦ୍ଧିକ ପଢ଼େ। ଘାଡ଼ ଗାଖାଏ ଲୁଚ୍ଚୁଚ ଉଇପାଏ। ପରିବାର ସହିତ ସମୟ ବିତାଏ। ପିଟ୍ ଇଚ୍ଛିବାକୁ ଭୋରରୁ ଉଠି ମୋ ନିତ୍ୟ କାମ କରି ଠାକୁର ପୂଜା କରେ। ପରେ ଜିମ୍ ଯାଏ। ସୁଟିଂ ଥିଲେ ସମୟ ଅନୁସାରେ କାମ କରେ।

ସୁଟିଂ ସେଟ୍‌ରେ ଅଲୁଲା ସୁତି?

● 'ଇଜି' ଧାରାବାହିକରେ ଅଭିନୟ କରୁଥିଲା ବେଳେ ଆମେ ସମସ୍ତେ ଭଲ ସାଙ୍ଗ ଥିଲୁ। 'ଇଜି' ସୁଟିଂ ସେଟ୍ ସାଇଟ୍‌ରେ ଭାଗବାନ ଶିବ ଓ ହନୁମାନଙ୍କର ମନ୍ଦିରଟି ଥିଲା। ମନ୍ଦିରରେ ପ୍ରତିଦିନ ଆମେ ସନ୍ଧ୍ୟା ଆଳତା ଯାଇ ଦେଖୁଥିଲୁ। ସଜାକୁ ବି ସମସ୍ତ କାଡ଼ି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲୁ। ସେହି ସମୟ ମୋ ଜୀବନର ସବୁଠୁ ଅଲୁଲା ମୁହୂର୍ତ୍ତ।

ଜେଉଁ ଚରିତ୍ରରେ ଅଭିନୟ କରିବାକୁ ଆପଣ ମିଜିଛି?

● 'ଇଜି' ଧାରାବାହିକର ହାପି ଚରିତ୍ର ମୋତେ ଯଥାର୍ଥ ପରିଚୟ ଦେଇଛି।

ବଡ଼ ପରଦାରେ ନିଜକୁ ଦେଖିବାକୁ ଇଚ୍ଛା ରଖୁଛନ୍ତି ?

● ଜଣେ କଳାକାର ପାଇଁ ବଡ଼ ପରଦା କି ଛୋଟ ପରଦା କିଛି ନ ଥାଏ। ଦର୍ଶକଙ୍କୁ ଭଲ ଲାଗୁଥିବା ପରି ପ୍ରୋଜେକ୍ଟରେ କାମ କରିବା ମୋର ଲକ୍ଷ୍ୟ। ନିଶ୍ୱାସ ଚାଲିଥିବା ଯାଏଁ ଅଭିନୟ କରିବି। ■

ପରଦା ପଛର କାହାଣୀ

୧୦୫ ଥର ଖାରଜ ପରେ ମାନୋନୀତ

ଗୀତ ନେଉଛି ପିଲ୍ଲର ଜୀବନ। ଏଭଳି ଅନେକ ଧ୍ରୁଣ୍ଡା ଭ୍ୟୁପିଚ୍ ଗୀତ ରହିଛି, ଯାହାକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି। ତେବେ ଗୀତ ଲେଖି ପରବାରେ ଚିତ୍ରଣ କରିବା ଖୁବ୍ ଜଖରକର। ଏଥିପାଇଁ ଗୀତ ଲେଖାଠୁ ନେଇ ସୁଟିଂ ପର୍ଯ୍ୟନ୍ତ ସବୁ ଜରରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। ୧୯ ୬୦ ମସିହାରେ ୧୦୬ ଥର ଲେଖିବା ପରେ ସଫଳ ହୋଇଥିଲା। ୨ ମିନିଟ୍ ୧୬ ସେକେଣ୍ଡର ଏହି ଗୀତ ଦର୍ଶକଙ୍କ ହୃଦୟକୁ ଦେଖି ଛୁଇଁ ଥିଲା। ଗୀତର ସୁଟିଂ ପାଇଁ ପିଲ୍ଲ ନିର୍ମାତା ଏକ ଭବ୍ୟ ବିଦ୍ୟାଧରୀ ସେଟ୍ ମଧ୍ୟ ପ୍ରସ୍ତୁତ କରିଥିଲେ। ସେ ସମୟରେ ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଗୀତକୁ ରୋଜିକବଣ୍ଠୀ ଲତା ମଙ୍ଗେସ୍କରଙ୍କ ସୁଲକିତ କଣ୍ଠରେ ଗାନ କରିଥିଲେ। "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." ଗୀତରେ ଅଭିନେତ୍ରୀ ମଧୁବାଳା ହୃଦୟଙ୍ଗମ୍ଭୀ ନୃତ୍ୟ ପରିବେଷଣ କରିଛନ୍ତି। ଜେ. ଏସ୍. ଆସିପ୍‌ଙ୍କ ନିର୍ଦ୍ଦେଶିତ 'ମୁଗଲ-ଏ-ଆଜମ' ପିଲ୍ଲ ବେଶ୍ ଲୋକପ୍ରିୟ ହୋଇପାରିଥିଲା। ଏହି ପିଲ୍ଲ ନିର୍ମାଣ ପାଇଁ ୧୬ ବର୍ଷ ସମୟ ଲାଗିଥିଲା। ତେବେ ୧୦୫ ଥର ଲେଖିବା ପରେ ତୃପ୍ତାନ୍ତ ହୋଇଥିବା "ପ୍ୟାର୍ କିୟା ତୋ ଡରନା କ୍ୟା..." ଗାନଟି ଏବେ ବି ଶ୍ରୋତାମାନଙ୍କ ହୃଦୟରେ ଶିହରଣ ସୃଷ୍ଟି କରେ। ■



ମୁକ୍ତିଲାଭ କରିଥିଲା 'ମୁଗଲ-ଏ-ଆଜମ' ଚଳଚ୍ଚିତ୍ର । ଏହି ପିଲ୍ଲରେ ଏଭଳି ଏକ ଗୀତ ରହିଛି, ଯାହାକୁ ସଙ୍ଗୀତଜ୍ଞ ନୌଶାଦ ୧୦୫ ଥର ଖାରଜ କରିବା ପରେ ମନୋନୀତ କରିଥିଲେ। ଗୀତିତି ଥିଲା "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." । ଏହି ଗୀତ ଲେଖିବାକୁ ଗୀତିକାର ଶକିଲ ବଦାୟୁନି ଖୁବ୍ ପରିଶ୍ରମ କରିଥିଲେ। ସେ ଗୀତଟିକୁ

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ରବିବାର ୨୨ ନଭେମ୍ବର ୨୦୨୬

ଅସ୍ତ୍ର ତ୍ୟାଗ ?

ବର୍ତ୍ତମାନ ଭାରତ ସମେତ ପୃଥିବୀର ବିଭିନ୍ନ ଦେଶରେ ଦେଖାଦେଇଥିବା ମୁଦ୍ରାସ୍ଫୀତି ଯୋଗାଣ ପାର୍ଶ୍ୱ ବିଚ୍ଛାତ ଯୋଗୁଁ ସୃଷ୍ଟି ହୋଇଥିବାରୁ ସେ ସବୁ ଦେଶମାନେ ଆଉ 'ଇନ୍‌ଫ୍ଲେସନ ଟାର୍ଗେଟିଙ୍ଗ' ନୀତିକୁ ଜଚୋଟ ଭାବରେ ଅନୁସରଣ କରି 'ଫର୍ଜନାମ୍ବଳ ଭାବରେ' ସେଥିପ୍ରତି ଏକ ମନମାନ ଆଭିମୁଖ୍ୟ ଗ୍ରହଣ କରିବାର ଦୃଢ଼ ସମ୍ଭାବନା ଉପସ୍ଥିତ ବୋଲି 'ସିଇଏ' ନାଗେଶ୍ୱରନ କହିଛନ୍ତି। ସ୍ୱାଭାବିକ ଭାବରେ ଏକ ଧାରଣା ସୃଷ୍ଟି ହୋଇଥାଏ ଯେ ଭାରତ ମଧ୍ୟ ଏଭଳି ଏକ ମନମାନ ନୀତି ଅବଲମ୍ବନ କରିବା ଉଚିତ ବୋଲି 'ସିଇଏ' ବିଚାର କରୁଛନ୍ତି। ସତ୍ୟ ପ୍ରକାଶ ସୂଚନା ଅନୁସାରେ ଚୁଲ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଅକ୍‌ଟୋବରରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କ ଅନୁସରଣ କରୁଥିବା ଉପର ସହନ ସୀମା ୬ ଶତାଂଶ ଅତିକ୍ରମ କରିଛି ବୋଲି ଜଣାପଡ଼ିଛି। ପୂର୍ବମାସ ସେପ୍‌ଟେମ୍ବରରେ ଏଭ ମୁଦ୍ରାସ୍ଫୀତିର ସୂଚକ 'ଜନ୍‌ୟୁମର ପ୍ରାଇସ ଇଣ୍ଡେକ୍ସ' ('ସିପିଆଇ') ୫.୪୪ ଶତାଂଶରେ ପହଞ୍ଚି ଅବିଲମ୍ବ ଏଭ ଲକ୍ଷ୍ମଣରେଖା ଅତିକ୍ରମ କରିବାର ଯେଉଁ ଆଶଙ୍କା ସୃଷ୍ଟି କରିଥିଲା, ଅକ୍‌ଟୋବରରେ ତାହା ୬.୦୯ ଶତାଂଶ ହୋଇ ସେଇ ଆଶଙ୍କାକୁ ସତ୍ୟରେ ପରିଣତ କରିଛି। ଏଇ ସମୟରେ ଖାଦ୍ୟ ମୁଦ୍ରାସ୍ଫୀତି ଏହାଠାରୁ ମଧ୍ୟ ବେଶ୍ ଅଧିକ ହୋଇ ୮.୦୪ ଶତାଂଶ ହୋଇଥିବା ପ୍ରକାଶ ପାଇଛି। ତେବେ ଏଇ ବଢୁବୃଦ୍ଧି ଢେଇକୁ ଖାଦ୍ୟଦ୍ରବ୍ୟରେ ସୀମିତ ନ ରହି 'ସିପିଆଇ' ସହ ସଂପୃକ୍ତ ୧୨ଟି ମୁଖ୍ୟ ଦ୍ରବ୍ୟ ବିଭାଗମାନଙ୍କ ମଧ୍ୟରୁ ୧୧ ଶ୍ରେଣୀରେ ଅଳ୍ପବହୁ ?ତ ପରିଲକ୍ଷିତ ହୋଇଥିଲା। ପ୍ରକାଶିତ ପରିସଂଖ୍ୟାନ ଡେଣୁ ମୁଦ୍ରାସ୍ଫୀତି ଢେଇକ ଖାଦ୍ୟଦ୍ରବ୍ୟ ମଧ୍ୟରେ ସୀମିତ ରୁହେଁ, ଏହା ମଧ୍ୟ ବିଭିନ୍ନ ମାତ୍ରାରେ ଅନ୍ୟାନ୍ୟ ଦ୍ରବ୍ୟ ଓ ସେବାମାନଙ୍କୁ ସ୍ପର୍ଶ କରିଛି ବୋଲି ଦର୍ଶାଇଥାଏ। ଏହା ଚାପୁର୍ଯ୍ୟପୂର୍ଣ୍ଣ ଯେ ଏଇ ସବ୍‌ଯଡମ ପରିସଂଖ୍ୟାନ ଉପଲବ୍ଧ ହେବା ପୂର୍ବରୁ ମୁଦ୍ରାସ୍ଫୀତି ସମ୍ଭାବନାକୁ ବୃଦ୍ଧିରେ ରଖି ରିଜର୍ଭ ବ୍ୟାଙ୍କର 'ମନିଟାରି ପଲିସି କମିଟି' ('ଏମ୍‌ପିସି') ତା'ର ଅକ୍‌ଟୋବରରେ ଅନୁଷ୍ଠିତ ତ୍ରିମାସିକ ବୈଠକରେ ଚାହାରୁ ନିୟନ୍ତ୍ରଣ କରିବାକୁ ନିର୍ଣ୍ଣାୟକ ସୁଧ ହାର 'ରେପୋ ରେଟ୍'ରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି ଘଟାଇ ତାହାକୁ ୫.୫ ଶତାଂଶ କରିଦେଇଥିଲା। ସୁଧ ହାର ବୃଦ୍ଧି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରତିକୂଳ ସାବ୍ୟସ୍ତ ହୋଇଥିଲେ ଚେଁ, ମୁଦ୍ରାସ୍ଫୀତି ଭଳି ଏକ ମନ୍ଦ ଶକ୍ତିକୁ ପ୍ରତିହତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଏଭଳି ଏକ ପଦକ୍ଷେପ ନେବା ଉଚିତ ହେବ ବୋଲି ବିଚାର କରିଥିଲା। ବର୍ତ୍ତମାନ ଖୁଚୁରି ମୁଦ୍ରାସ୍ଫୀତିର ଏଭଳି ଉର୍ଦ୍ଧ୍ୱଗତି ଦେଖାଯିବା ପରେ, ଏକ ପ୍ରଶ୍ନ ଉଙ୍କି ମାରିବାକୁ ଆରମ୍ଭ କଲାଣି ଯେ ଡିସେମ୍ବର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବାକୁ ଯାଉଥିବା ତା'ର ପରବର୍ତ୍ତୀ ବୈଠକରେ 'ଏମ୍ ?ପିସି' ଜ'ଣ ପୁନରାୟ 'ରେପୋ ରେଟ୍'ରେ ବୃଦ୍ଧି ଘଟାଇବ କି ? ଏଇ ସମୟରେ କେନ୍ଦ୍ର ସରକାରଙ୍କର ମୁଖ୍ୟ ଅର୍ଥନୈତିକ ପରମର୍ଶଦାତା ('ଚିଫ୍ ଇକୋନମିକ୍ ଆଡ୍‌ଭାଇଜର'- 'ସିଇଏ') ଭି ଅନନ୍ତ ନାଗେଶ୍ୱରନ ଏ ସଂପର୍କରେ ଏପରି ଏକ ମନ୍ତବ୍ୟ ପ୍ରଦାନ କରିଛନ୍ତି, ଯାହା 'ଏମ୍ ?ପିସି' ଅର୍ଥାତ୍ ରିଜର୍ଭ ବ୍ୟାଙ୍କ ସଞ୍ଚୁଷରେ ଏକ ଜଟିକ ଆହ୍ୱାନ ଛିଡ଼ା କରିଛି ବୋଲି କୁହଯେ ଭୁଲ୍ ହେବ ନାହିଁ। ତୁଷରେରେ ଲହିଲେ, ଅନନ୍ତ ନାଗେଶ୍ୱରନ କର୍ତ୍ତମାନ ପରିସ୍ଥିତିରେ ସୁଧ ହାର ବୃଦ୍ଧିକୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣର ଏକ ପାରମ୍ପରିକ ଆୟୁଧ ରୂପେ ବ୍ୟବହାର କରିବାର ଫଳପ୍ରଦତା ତଥା ବିଚ୍ଛାତ ଉପରେ ଏକ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ସେ ୧୩ ନଭେମ୍ବରରେ 'ଆଜୁୟାଲ ପୁହ୍ ବିଷୟକ୍ ଡାଏଲଗ' ମଂଚରେ ନିଜର ଅଭିଭାଷଣ ପ୍ରଦାନ କରିବା ଅବସରରେ କହିଛନ୍ତି ଯେ ଯେତେବେଳେ ଯୋଗାଣ ପାର୍ଶ୍ୱରେ ବିଚ୍ଛାତ ଯୋଗୁଁ ଆଜିର ମୁଦ୍ରାସ୍ଫୀତି ଭଳି ମୁଦ୍ରାସ୍ଫୀତି ସୃଷ୍ଟି ହୋଇଥାଏ, ସେତେବେଳେ ସୁଧ ହାରରେ ବୃଦ୍ଧି ଭଳି ଚାହିଦା ନିୟନ୍ତ୍ରଣକାରୀ ଅସ୍ତ୍ର ପ୍ରୟୋଗ ତାହାକୁ ନିୟନ୍ତ୍ରଣ କରିବାରେ ସଫଳ ହେବାର ସମ୍ଭାବନା କ୍ଷୀଣ। ନିଜର ଏଇ ସନ୍ଦେହକୁ ଯଥାର୍ଥ ସାବ୍ୟସ୍ତ କରିବା ପାଇଁ ନାଗେଶ୍ୱରନ କହିଛନ୍ତି, ସୁଧ ହାରରେ ବୃଦ୍ଧି ଦ୍ୱାରା ଖାଦ୍ୟଦ୍ରବ୍ୟ ଉତ୍ପାଦନରେ ବୃଦ୍ଧି ଘଟେ ନାହିଁ କିମ୍ବା ଆନ୍ତର୍ଜାତିକ ଅଶୋଧିତ ତୈଳ ଦରରେ ହ୍ରାସ ପରିବ ନାହିଁ। ଅପରପକ୍ଷେ ଏଥିରୁ ବିପରୀତ ଫଳ ଉତ୍ପନ୍ନ ହୋଇପାରେ, କାରଣ ଏହାଦ୍ୱାରା ପୁଞ୍ଜି ନିବେଶ ଓ ଅର୍ଥନୈତିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହୋଇଥାଏ। ଏଇ ଯୁକ୍ତିକୁ ଆଗେଇ ନେଇ ନାଗେଶ୍ୱରନ ସବ୍‌ର୍ପଣର ପଛିତ ପ୍ରଚଳିତ ମୁଦ୍ରାସ୍ଫୀତି-ନିୟନ୍ତ୍ରଣ ନୀତିରେ ଏପରି ଏକ ପରିବର୍ତ୍ତନ ଘଟାଇବା ପାଇଁ ଇସାରା ଦେଇଛନ୍ତି, ଯାହା ଅର୍ଥନୀତିଜ୍ଞ ମହଲରେ ଏକ ଅସ୍ତଜିକର ଅସ୍ଥିରତା ସୃଷ୍ଟି କରିବା ଆରମ୍ଭ କରିଛି। ଏହି ନୀତିର ନାମ ହେଉଛି: 'ଇନ୍‌ଫ୍ଲେସନ ଟାର୍ଗେଟିଙ୍ଗ' ଅର୍ଥାତ୍ ମୁଦ୍ରାସ୍ଫୀତିକୁ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଆବଦ୍ଧ କରିବାକୁ ଲକ୍ଷ୍ୟ ରୂପେ ଗ୍ରହଣ କରି ଅର୍ଥନୈତିକ ନୀତି ନିର୍ଦ୍ଧାରଣ କରିବା। ପୃଥିବୀରେ ଏଇ 'ଇନ୍‌ଫ୍ଲେସନ ଟାର୍ଗେଟିଙ୍ଗ' ନୀତି ଅବଲମ୍ବନର ଇତିହାସ ବୀର୍ଘ ନୁହେଁ। ନିଉଜିଲାଣ୍ଡ ହେଉଛି ସର୍ବପ୍ରଥମ ଦେଶ ଯିଏ ୧୯୯୦ରେ ଏଇ ନୀତି ଅନୁସରଣ ଆରମ୍ଭ କରିଥିଲା। ପରେ ପରେ ୧୯୯୧ରେ କାନାଡା, ୧୯୯୨ରେ ବ୍ରିଟେନ, ୧୯୯୩ରେ ସ୍ୱିଡେନ ଏହି ନୀତି ଅବଲମ୍ବନ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଅନେକ ଦେଶରେ ମଧ୍ୟ ଏହା ଅନୁସୃତ ହେବା ଦେଖାଯାଇଛି। ଏହି ନୀତି ପଛରେ ନିହିତ ଯୁକ୍ତି ସରଳ ତଥା ଅକାଟ୍ୟ ମନେ ହୋଇଥାଏ : ଯଦି ପରିବାରମାନେ, ବ୍ୟବସାୟମାନେ, ଶ୍ରମଜୀବୀମାନେ ଏବଂ ପୁଞ୍ଜି ନିବେଶକମାନେ ବିଶ୍ୱାସ କରନ୍ତି ଯେ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଛଡାଏ ଭଳି ମୁଦ୍ରାସ୍ଫୀତି ଉପରେ ନଜର ରଖୁଛି, ତେବେ ସେମାନଙ୍କର ମୁଦ୍ରାସ୍ଫୀତି ସମ୍ବନ୍ଧରେ ଆଶଙ୍କା ('ଇନ୍‌ଫ୍ଲେସନ ଏକ୍‌ସପେକ୍ଟେସନ') ଦୂରୀଭୂତ ହେବ ଏବଂ ଡେଣୁ ତାହା ପାରିଶ୍ରମିକ ହାର, ଠିକା ସର୍ତ୍ତ, ନିବେଶ ନିଷ୍ପତ୍ତି ଆଦିକୁ ପ୍ରଭାବିତ କରିବ ନାହିଁ। 'ରିଜର୍ଭ ବ୍ୟାଙ୍କ ଆକ୍ଟ'ରେ ଆବଶ୍ୟକ ସଂଶୋଧନ ଘଟାଯାଇ ୨୦୧୬ ?ରୁ ଭାରତରେ ଏକ 'ଫ୍ଲେକ୍ସିବ୍‌ଲ ଇନ୍‌ଫ୍ଲେସନ ଟାର୍ଗେଟିଙ୍ଗ' ନୀତିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରାଯାଇଛି, ଯାହା ଅନୁସାରେ ଖୁଚୁରି ମୁଦ୍ରାସ୍ଫୀତିକୁ ୨-୬ ଶତାଂଶ ସୀମା ମଧ୍ୟରେ ଆବଦ୍ଧ କରି ରଖିବାକୁ ରିଜର୍ଭ ବ୍ୟାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ୨୦୨୧ ଓ ୨୦୨୬ରେ ନବୀକରଣ ପରେ ଏହାର କାର୍ଯ୍ୟକାରିତାକୁ ବର୍ତ୍ତମାନ ୨୦୩୧ ପର୍ଯ୍ୟନ୍ତ ସଂପ୍ରସାରିତ କରାଯାଇଛି। ଏହାର ଅନୁସରଣ ଭାରତ ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ବେଶ୍ ଫଳପ୍ରଦ ହେବା ଦେଖାଯାଇଛି। ଏହାର ପ୍ରମାଣ ସ୍ୱରୂପ ଏଇ 'ଇନ୍‌ଫ୍ଲେସନ ଟାର୍ଗେଟିଙ୍ଗ' ନୀତି ଅବଲମ୍ବନର ପରବର୍ତ୍ତୀ ଦଶନ୍ଧି (୨୦୦୬-୧୬)ରେ ଦେଶରେ ହାରାହାରି ଖୁଚୁରି ମୁଦ୍ରାସ୍ଫୀତି ହାର ୮.୧ ଶତାଂଶ ହେବା ଦେଖାଯାଇଥିବା ବେଳେ ଏହାର ପରବର୍ତ୍ତୀ ଦଶନ୍ଧି (୨୦୧୬-୨୬)ରେ ତାହା ୪.୬ କୁ ହ୍ରାସ ପାଇବା ଦେଖାଯାଇଛି। ଏଇ ପୃଷ୍ଠଭୂମିରେ ଅକ୍‌ଟୋବରରେ ଖୁଚୁରି ମୁଦ୍ରାସ୍ଫୀତି ହାର ୬ ଶତାଂଶ ସୀମାରେ ରହିବା ଅତିକ୍ରମ କରିବାକୁ ଏକ ସାମୟିକ ବ୍ୟତିକ୍ରମ ରୂପେ ବିଚାର କରାଯାଇପାରେ।

ଆପଣଙ୍କର ମଙ୍ଗଳ ହେଉ

ଚିନ୍ମୟ ହୋତା

ମଣିଷ ଜୀବନରେ ଶୁଭାକାଙ୍କ୍ଷୀଙ୍କର ଅଭାବ ବିଲକୁଲ ନାହିଁ। ଏମିତିରେ ତ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ପାଖ ପଡୋଶୀମାନେ ରହିଛନ୍ତି। ପୁଣି ଆଜିକାଲି ଏକ ନୂଆ ପ୍ରକାରର ଶୁଭାକାଙ୍କ୍ଷୀଙ୍କର ଆବିର୍ଭାବ ହୋଇଛି, ଯାହାଙ୍କ ସାଙ୍ଗରେ ଆମର କୌଣସି ପୂର୍ବ ପରିଚିତି ନାହିଁ, କୌଣସି ଅମ୍ବୀୟତା ନାହିଁ, ଏମିତିକି ଜିଛି ପ୍ରକାରର ସାମାଜିକ ଯୋଗାଯୋଗ ବି ନାହିଁ। ଅଥଚ ସେମାନେ ଆମର ଭଲମନ୍ଦକୁ ନେଇ ଏତେତା ଚିନ୍ତିତ ଯେ, ବିନ ଭିତରେ କେତେଥର ଫୋନ କରି କିମ୍ବା ହାଟ୍‌ସଆପରେ ବାର୍ତ୍ତା ପଠାଇ ଆମ ଜୀବନକୁ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ କରି ଗଢ଼ି ତୋଳିବାର ନିରନ୍ତର ଚେଷ୍ଟା ଚଳେଇ ଯାଇଛନ୍ତି। ଏମାନେ ସମସ୍ତେ କୌଣସି ନା କୌଣସି ବାଣିଜ୍ୟ ସଂସ୍ଥାର ମାର୍କେଟିଂ ବିଭାଗର ପ୍ରତିନିଧି। ନିଜର ପରିଚୟ ସେମାନେ ଯାହା ଦିଅନ୍ତୁ ନା ଜାହିଁକି, ମୋର ମନେ ହୁଏ, ଏମାନେ ପ୍ରକୃତରେ ମାନବଜଜାତ କ୍ଷେତ୍ରରେ ନିବେଦିତ ଏକ ଆନ୍ତର୍ଜାତିକ ଶୁଭେଚ୍ଛୁବାହିନୀ। ଧରା ଯାଉ, ଖରାଦିନ ବି'ପହର ବେଳେ ଟିକେ ତନ୍ଦ୍ରାଚ୍ଛନ୍ନ ହୋଇ ଶୋଇବାକୁ ଚେଷ୍ଟା କରୁଛନ୍ତି। ହଠାତ୍ ଏକ ଅଚିହ୍ନା ନମ୍ବରରୁ ଫୋନ ! ଧରିବେ କି ଧରିବେନି, ଏଇ ଦ୍ୱିଧା ଭିତରେ ଭାବିବାକୁ ଲାଗିଲେ, ହୁଏତ ଜିଛି ଜରୁରି ଖବର, ପୁରୁଣା ଛୋଉ ବନ୍ଧୁ କିମ୍ବା କୌଣସି ଆତ୍ମୀୟ ବିପଦରେ ପଡିଛନ୍ତି। ଫୋନ ଧରିବା ମାତ୍ରେ ସେପଟୁ ଗୋଟେ ମିଠା ଜଣ୍ଡସର, "ସାର, ଆପଣ ଜ'ାଡ଼ିର ଇନ୍‌ସ୍ୱରାନ୍‌ସର ମିଆଦ ଶେଷ ହେବା ଉପରେ। ଆମେମାନେ ଜ'ାନ ଏହା ରିନିଉ କରିବାରେ ଜିଛି ସାହାଯ୍ୟ କରିପାରୁ" ଏଭଳି ତନ୍ଦ୍ରାଚ୍ଛନ୍ନ ମୁହୂର୍ତ୍ତରେ ଆପଣ ହୁଏତ ଭୁଲି ଯାଇଥିବେ ଆପଣଙ୍କର ଗୋଟେ ଗାଡ଼ି ଅଛି ବୋଲି, କିନ୍ତୁ ସେମାନଙ୍କର ସ୍ମୃତିଶକ୍ତି ପ୍ରଖର। ଆପଣଙ୍କ ଗାଡ଼ିର ତୀମା ନବୀକରଣର ଚିନ୍ତା ସେମିତି ସେମାନଙ୍କର ନିଦ ହଇଲେ ଦେଇଛି। ପରେ ପରେ ପୁଣି ଏକ ଫୋନ। ଏଥର ଆପଣଙ୍କ ସ୍ୱାସ୍ଥ୍ୟକୁ ନେଇ ଉଦ୍‌ବେଗ। "ସାର, ଆପଣ ଏ ବର୍ଷଟିକୁ ତେଇପଯ ବରିଜେଣି ? ଆମ ପାଖରେ ଗୋଟେ ନୂଆ ଆକର୍ଷଣୀୟ ପ୍ୟାକେଜ ଅଛି ସାର, ପୁଣି ବରିଷ ନାଗରିକମାନଙ୍କ ପାଇଁ ଖାସ୍ ରିହାତି ସହ।" ଆପଣ କହିଲେ, ଭଗବାନଙ୍କ କୃପାରୁ ଶରୀର ଭଲ ଅଛି, ହେଲେ ସେମାନେ ଆଶ୍ୱସ୍ତ ହୋଇପାରନ୍ତି ନାହିଁ। ଦେହ ଭଲ ଅଛି ବୋଲି ତ ଯାଚ୍ଞ କରାଇନେବା ଆହୁରି ଜରୁରି ହୋଇପଡ଼େ। କିଏ ଜାଣେ, ଶରୀରର ଅଭ୍ୟନ୍ତରରେ କୌଣସି ଅଣୁର ଶକ୍ତି ନିଃଶବ୍ଦରେ ବଢୁ। ବାନ୍ଧିଲାଣି ଜି ନାହିଁ। ସେମାନଙ୍କର ପ୍ୟାକେଜ ନେଲେ ଅନ୍ତତଃ ସେହି ଅଣୁର ଶକ୍ତିକୁ ଭୟଙ୍କର ରୂପ ନେବା ପୂର୍ବରୁ ଖୋଜି ବାହାର କରିବାର ଏକ ସୁଯୋଗ ପାଇଯିବେ। ଏ ଭିତରେ ଆଉ ଜଣେ ଫୋନ କରି ଜଣାଇଲେ, ସହରରେ ଗୋଟେ ନୂଆ ଆପାର୍ଟମେଣ୍ଟ ପ୍ରକଳ୍ପ ଆରମ୍ଭ ହୋଇଛି। ଆପଣ ସେଥିରୁ ଗୋଟିଏ ଆପାର୍ଟମେଣ୍ଟ କ୍ରୟ କରିବାକୁ ଚାହାନ୍ତି କି ? ଆପଣଙ୍କର ସହରରେ ଆଉ ଦୁଇଟି ଘର ଥିଲେ କି କିଛି ଅସୁବିଧା ନାହିଁ, ବିନିଯୋଗ ପାଇଁ ଆଉ ଗୋଟିଏ କିଣି ପାରନ୍ତି। ଆପଣଙ୍କର ସାମର୍ଥ୍ୟ ବିଷୟରେ ଜାଣିବା ପୂର୍ବରୁ ସେମାନେ ଆପଣଙ୍କର ଭବିଷ୍ୟତ ସମ୍ପତ୍ତି ଓ ଏହାର ବର୍ଦ୍ଧିତ ମୂଲ୍ୟ ବିଷୟରେ ଜାଣିସାରିଥିଲେ। ପୁଣି କିଏ କହିଲାଣି ସେଥାର ବଜାରରେ ଏବେ ଯାଏଁ ନିବେଶ ନ କରି ଆପଣ ଜୀବନର ଏକ ବିରାଟ ସୁଯୋଗକୁ ହାତଛଡ଼ା କରିଦେଇଛନ୍ତି। ଆଉ ଜଣେ ମନେ ପକାଇଦେଲା ଯେ ଆପଣଙ୍କର କ୍ରେଡିଟ କାର୍ଡର ଖର୍ଚ୍ଚ ସୀମା ବଢ଼ାଯିବାର ନିଷ୍ପତ୍ତି ନିଆଯାଇଛି, ଆପଣ ଖାଲି ହଁ ଭରିଲେ ନୂଆ କାର୍ଡଟି ପଠାଇ ଦିଆଯିବ। ଅର୍ଥାତ୍ ଆପଣ ଯେତେ ଖର୍ଚ୍ଚ କରନ୍ତି, ତା'ଠାରୁ ଅଧିକ ଖର୍ଚ୍ଚ କରିବାର ସୁଯୋଗ କରିଦେବା ସତେ ଯେମିତି ସେହି ହିତୈଷୀଜଣଙ୍କର ଜୀବନର ଏକମାତ୍ର ଲକ୍ଷ୍ୟ। ଏମାନଙ୍କର ଜଳ୍ପାଣାକାରୀ ଉଦ୍ୟୋଗ ଯେମିତି ଅନ୍ତହୀନ। କିଏ ଆପଣଙ୍କ ଘରେ ଜଳ ପରିଶୋଧନ କରିବାକୁ ଚାହୁଁଛି, ଆଉ କିଏ ଏହାର ବାୟୁ ସଂଚାଳନକୁ ବିଶ୍ୱସ୍ତ କରିବାକୁ ! କିଏ ଆପଣଙ୍କର ବାହୁର ଯତ୍ନ ନେବାକୁ ଆଗ୍ରହୀ ତ କିଏ ଆପଣଙ୍କ ବୁଜର। କିଏ ପୁଣି ଆପଣଙ୍କ ସନ୍ତାନର ଭବିଷ୍ୟତକୁ ନେଇ ଏତେ ଚିନ୍ତିତ ଯେ ପିଲାଟି ଜ'ଣ ହେବାକୁ ଚାହେଁ, ତାହା ବୁଝିବା ପୂର୍ବରୁ ତାକୁ ବିଦେଶରେ ପାଠ ପଢ଼ାଇବାର ପରିକଳ୍ପନା ସବୁ କରିସାରିଲେଣି। ଆପଣଙ୍କର ଇଂରେଜୀ ଭଜାରଣ ଭଲ ନୁହେଁ ? ଅନଲାଇନ କୋର୍ସ ସବୁ ଅଛି ଆମ ପାଖରେ। ଏମିତି କି ଆପଣଙ୍କୁ ଯଦି ଜୀବନରେ ନିର୍ମଳ ସୁଖ ମିଳୁନି, ତେବେ ସୁଖ ହେବାର ପ୍ୟାକେଜ ବି ସେମାନଙ୍କ ପାଖରେ ଅଛି। ଶୁଭେଚ୍ଛୁମାନଙ୍କ ଗହଣରେ ରହିବା ତ ବେଶ୍ ଭଲ କଥା, ଏଥିରେ ପୁଣି ଅସୁବିଧା ଜ'ଣ ? ଅସୁବିଧା ହେଉଛି ଏମାନେ- ଏହି ବିପୁଳ ଶୁଭାକାଙ୍କ୍ଷୀ ବାହିନୀ ନିଜଠାରେ ଥାଇ ବ୍ୟକ୍ତିଗତ ସମୟର ଜାଣିତାଏ ବି ମୂଲ୍ୟ ନାହିଁ ! ଆମେ ବ୍ୟସ୍ତ ବି ନାହିଁ, ଶୋଇଲୁ ବି ନାହିଁ, ଡାକ୍ତରଖାନାରେ ଅଛୁନା ଭିଡ଼ ରାସ୍ତାରେ, ଏସବୁ ସେମାନଙ୍କ ପାଇଁ ବିବେଚନାର ବିଷୟ ନୁହେଁ। ତାଙ୍କ ପାଖରେ ଆମ ଜୀବନଟା ଗୋଟେ ଅସମାପ୍ତ ପ୍ରକଳ୍ପ, ଯେଉଁଥିରେ ପ୍ରତିନିୟତ କିଛି ନା କିଛି ଜଡୁତି ଅଣାଯିବା ପ୍ରୟୋଜନ। ସେମାନେ ଯେମିତି ଭାବନ୍ତି ଆମେ ନିଜ ନିଜର ଜୀବନ ପରିଚାଳନା କରିବାକୁ ଅସଯାଗ୍ୟ। ଏଣୁ କେହି ଆମର ସ୍ୱାସ୍ଥ୍ୟ ଭଲ ହୁଏନି, କିଏ ଆମର ସମ୍ପତ୍ତି, କିଏ ଆମର ଭବିଷ୍ୟତ, ଆଉ ବାକି ଅନ୍ୟମାନେ ବାୟିତ୍ୱ ନେବେ ଆମର ଆଧ୍ୟାତ୍ମିକ ଜଗୁତିର। ତେବେ ଏସବୁ ଭିତରେ ଗୋଟିଏ ଆଶ୍ୱାସନା ଲୁଚି ରହିଛି- ଏତେବଡ଼ ପୃଥିବୀରେ ଆମେ ସମ୍ପୂର୍ଣ୍ଣ ଏକୁଟିଆ ନୋହୁଁ। ଆମର ସ୍ୱାସ୍ଥ୍ୟ, ଘରଦ୍ୱାର, ଅର୍ଥାତ ସମସ୍ୟା, ଏମିତିକି ଆମର ପରଜାଳ ବିଷୟରେ କିଏ ନ କିଏ ଚିନ୍ତା କରୁଛି। ଢେବକ ଗୋଟିଏ ସମସ୍ୟା : ଏହି ଶୁଭାକାଙ୍କ୍ଷୀମାନେ କେବେବି ଜାଣିବାକୁ ଚାହାନ୍ତି ନାହିଁ, ଆମେ ଚାଲକ ସାହାଯ୍ୟ ଚାହୁଁନୁ କି ନାହିଁ ! ହୁଏତ ଦିନେ ଏମିତି ଫୋନ ବି ଆସିପାରେ, "ସାର୍, ଆପଣ ଜ'ାଣ ଏବେବି ନିଜ ଜୀବନ ନିଜେ ଚଳାଉଛନ୍ତି ? ଜାହିଁକିସେ ଜଞ୍ଜାଳ ଧରି ବସିଛନ୍ତି ଆଜ୍ଞା ? ଆମ ପାଖରେ ଗୋଟେ ବିଶେଷ ପ୍ୟାକେଜ ଅଛି। ଆପଣଙ୍କର ସମ୍ପୂର୍ଣ୍ଣ ଜୀବନର ପରିଚାଳନାର ବାୟିତ୍ୱ ଆମେ ନେଇ ପାରିବୁ।" ସେତେବେଳେ ଆପଣ କହିବେ, "ଅବଶ୍ୟ, ପଚରଥା ! ତେବେ ପ୍ରଥମେ ଟିକେ ଭଲରେ ଶୋଇପଡେ। ନିବଡୁ ଦିଓ ପୁଣି ଆପଣଙ୍କ ସାଙ୍ଗରେ ଭଲ ଚେବି।" ଆଉ ଠିକ୍ ପରେ ପରେ ଆଉ ଗୋଟେ ଫୋନ ଆସିବ ଓ ଜଣେ କହିବେ, "ସାର୍, ଆପଣଙ୍କ ନିଦର ମାନ ସନ୍ତୋଷଜନକ ତ ? ଆମର ସ୍ପିଟ ମେନେଜମେଣ୍ଟସ ପ୍ୟାକେଜ ଟିକେ ଆପଣେଇ ଦେଖୁନୁ ନା ! ପ୍ରଥମ ମାସ ପାଇଁ ଅଫରଡି ସମ୍ପୂର୍ଣ୍ଣ ମାଗଣା।"

ବିଶ୍ୱ ପରିବେଶ ସମ୍ମିଳନୀ ଜପ୍-୩୧ : ସାଧନ ବିନା ଲକ୍ଷ୍ୟ ପୂରଣ ହେବ ତ ?

ଅରବିନ୍ଦ ମିଶ୍ର

ଏବେ ବୁର୍ଜୀର ଆଶଙ୍କାଜିଆ ସହରରେ ପ୍ରାୟ ୨୦୦ ଦେଶ ଜାତିସଂଘ ଜଳବାୟୁ ସମ୍ମିଳନୀ ବା 'ଜପ୍-୩୧' ପାଇଁ ଏକାଠି ହୋଇଛନ୍ତି। ଏହି ସମ୍ମିଳନୀ ନଭେମ୍ବର ୨୦ରେ ଶେଷ ହେବ। ତୁଇ ଆୟୋଜକ ଦେଶ ବୁର୍ଜୀ ଓ ଅଷ୍ଟ୍ରେଲିଆ ମିଶି ଏହାକୁ 'ରୂପାୟନର ଜପ୍' ନାମ ଦେଇଛନ୍ତି; ଅର୍ଥାତ୍ ପୂର୍ବରୁ ପ୍ରଦତ ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟକାରୀ କରିବାର ଚେଳ। ତେବେ, ସମସ୍ୟା ହେଉଛି, ଆବଶ୍ୟକତା ବଢ଼ି ଚାଲିଥିବାବେଳେ ରୂପାୟନର ସାଧନ, ସର୍ବୋପରି ଅର୍ଥ, ସଙ୍କୁଚିତ ହେଉଛି। ଅକ୍‌ଟୋବରରେ ପ୍ରକାଶିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ ଏନଭିରନମେଣ୍ଟ ପ୍ରୋଗ୍ରାମ) ର 'ନିର୍ଗମନ ବ୍ୟବଧାନ ରିପୋର୍ଟ' କହିଛି ଯେ ଉଷ୍ଣତା ବୃଦ୍ଧିକୁ ୧.୫ ଡିଗ୍ରି ସେଲସିୟସ ସୀମା ତଳିବାକୁ ଆଉ ଅତଜାଯିବା ସମ୍ଭବ ନୁହେଁ। ବର୍ତ୍ତମାନର ସ୍ଥିତି ଜାରି ରହିଲେ ଚଳିତ ଶତାବ୍ଦୀରେ ପୃଥିବୀ ପ୍ରାୟ ୨.୮ ଡିଗ୍ରି ଅଧିକ ଉଷ୍ଣ ହେବ। ସମ୍ମିଳନୀର ପ୍ରଥମ ଦିନ 'ବିଶ୍ୱ ପାଣିପାଗ ସଂଗଠନ' ଜଣାଇଲା ଯେ ବିଗତ ୧୨ ବର୍ଷ ହିଁ ଉଚିହାସର ସବୁଠୁ ଉଷ୍ଣ ୧୨ ବର୍ଷ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ଭାଷାରେ, ପୃଥିବୀ ଏବେ 'ଜଳବାୟୁ ବଚନାରାର ଏକ ପୂର୍ଣ୍ଣ ଯୁଗରେ ପ୍ରବେଶ କରିଛି।' ରାଜନୀତିର ତିକ୍ତ ବି ଉଦ୍ଯାହପ୍ରଦ ନୁହେଁ। ଆମେରିକା,





ବାବୁବନ୍ଧ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଅଜା ଓ ୧୦ ବର୍ଷୀୟ ନାତିଙ୍କ ମୃତ୍ୟୁ



ସମ୍ବଲପୁର,୨୧/୧୧(ନି/ପ୍ର): ଜାତୀୟ ରାଜପଥ-୫୩ର ବାବୁବନ୍ଧ ଛକ ନିକଟରେ ଶୁକ୍ରବାର ସକାଳେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅଜା ଓ ନାତିଙ୍କ ଅକାଳ ମୃତ୍ୟୁ ଘଟିଛି । ତୁଡଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କାରେ ଉଭୟଙ୍କ ଜୀବନ ଚାଲିଯାଇଥିବା ବେଳେ ଏହି ହୃଦୟବିଦାରକ ଘଟଣା ଚିତିଶା ଓ ଗୋଶାଳା ଅଟଂଚଳରେ ଶୋକର ଛାୟା ଖେଳାଇଦେଇଛି । ମୃତକ ହେଲେ ଗୋଶାଳା ହାଇସ୍କୁଲର ପୂର୍ବତନ ଶିକ୍ଷକ ତଥା ବିଶିଷ୍ଟ ଜର୍ମକାଣ୍ଡ ପଣ୍ଡିତ, ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ଚିତିଶା ଗ୍ରାମର ନିରଞ୍ଜନ ଷଡ଼ଙ୍ଗୀ ଏବଂ ତାଙ୍କ ୧୦ ବର୍ଷୀୟ ନାତି ତୁମନ୍ । ତୁମନ୍ ପଂଚମ ଶ୍ରେଣୀରେ ପଢୁଥିଲେ । ସୂଚନା ଅନୁଯାୟୀ, ନିରଞ୍ଜନ ଷଡ଼ଙ୍ଗୀ ଗୋଶାଳା ନିକଟସ୍ଥ ସାନଟିକ୍ରା ଅଟଂଚଳରେ ରହୁଥିଲେ । ଶୁକ୍ରବାର ସକାଳେ ନିଜ ନାତିଙ୍କୁ ସ୍କୁଲ ପଠାବାର ପାଇଁ ବାବୁବନ୍ଧ ଛକ ନିକଟରେ ରାସ୍ତାଉଡ଼ରେ ଠିଆ ହୋଇ ସ୍କୁଲ ବସ୍‌କୁ ଅପେକ୍ଷା କରୁଥିଲେ । ଏହି ସମୟରେ ବରଗଡ଼ ପଟୁ ତୁଡଗତିରେ ଆସୁଥିବା ଏକ ଟ୍ରକ୍ ? ଉଭୟଙ୍କୁ ଧକ୍କା ଦେଇଥିଲା । ଧକ୍କା ଏତେ ଭୟାବହ ଥିଲା ଯେ, ଅଜା ଓ ନାତିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା । କ୍ଷତିପୂରଣ ସମେତ ବିଭିନ୍ନ ଦାବି ନେଇ ଉତ୍ତପ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ କିଛି ସମୟ ପାଇଁ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ବୁଝାଶୁଝା କରିଥିଲା । ପୋଲିସର ହସ୍ତକ୍ଷେପ ପରେ ରାଜପଥ ଅବରୋଧ ହଟିଥିବା ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି । ଜଣେ ଶିକ୍ଷକ ଓ ବିଶିଷ୍ଟ ଜର୍ମକାଣ୍ଡ ପଣ୍ଡିତ ଭାବେ ପରିଚିତ ନିରଞ୍ଜନ ଷଡ଼ଙ୍ଗୀଙ୍କ ଅକାଳ ବିୟୋଗ ସହ ତାଙ୍କ ୧୦ ବର୍ଷୀୟ ନାତିଙ୍କ ମୃତ୍ୟୁ ଅଟଂଚଳବାସୀଙ୍କୁ ଗଭୀର ମର୍ମାହତ କରିଛି । ଏହି ଦୁର୍ଘଟଣା ସ୍ଥାନୀୟ ଅଟଂଚଳରେ ସଡ଼କ ସୁରକ୍ଷା ଓ ରାଜପଥରେ ଯାତାୟାତ ନିୟନ୍ତ୍ରଣ ନେଇ ପୁଣି ଚିନ୍ତା ସୃଷ୍ଟି କରିଛି ।

ସମ୍ବଲପୁରୀ ଭାଷା ଓ ସାହିତ୍ୟ ଉପରେ ଜାତୀୟ ଆଲୋଚନାଚକ୍ର



ସମ୍ବଲପୁର,୨୧/୧୧(ନି/ପ୍ର): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରତୀୟ ଜ୍ଞାନ ପରମ୍ପରା କେନ୍ଦ୍ର ପକ୍ଷରୁ ଶୁକ୍ରବାର 'ସମ୍ବଲପୁରୀ ଭାଷା ଓ ସାହିତ୍ୟ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ସମ୍ବଲପୁରୀ ଭାଷାର ଭାଷାତାତ୍ତ୍ୱିକ, ସାହିତ୍ୟିକ ଓ ସାଂସ୍କୃତିକ ମହତ୍ୱ ସହ ଏହାର ସଂରକ୍ଷଣ ଓ ପ୍ରସାର ଉପରେ ଆଲୋଚନା ଏହି ସଙ୍ଗିଜନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶ୍ୱବିଦ୍ୟାଳୟର କୁଳପତିଙ୍କ ପ୍ରତିନିଧିତ୍ୱ କରିଥିବା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନିଜ ଅଭିଭାଷଣରେ ସେ ସମ୍ବଲପୁରୀ ଭାଷା ଓ ସାହିତ୍ୟର ସଂରକ୍ଷଣ, ବଇଲିଖିକରଣ, ଗବେଷଣା ଓ ପ୍ରକାଶନ ଉପରେ ଗୁରୁତ୍ୱ ଦେଇଥିଲେ । ଆଲୋଚନାଚକ୍ରର ଆବାହକ ତଥା ଆଇକେଏସ୍‌ର ଅଧ୍ୟକ୍ଷ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅଶୋକ କୁମାର ବାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମ୍ବଲପୁରୀ ଭାଷାର ସୃଦୃଢ଼ ଭାଷାତାତ୍ତ୍ୱିକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ସେମାନଙ୍କ ଅଭିଭାଷଣରେ ଡ. ବାବିକାନାଥ ନାୟକ, ଡ. ଶାମନ୍ତସୁନ୍ଦର ଧର ଓ ଶ୍ରୀ ବାସଙ୍କ କୁମାର ପଣ୍ଡା ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟ ବୈଷୟିକ ଅଧିବେଶନରେ ଡ. ପ୍ରମୋଦ କୁମାର ବାଶ, ଶ୍ରୀ ସୋହିରାଦ୍ୟଷ ମହାରଣା, ଡ. ଗୋରିନାଥ ପ୍ରଧାନ, ଶ୍ରୀ ଉଦ୍ଧବ ଭୋଇ, ଶ୍ରୀ ମୋହନ ସାହୁ, ଡ. ବିଷ୍ଣାର୍ଥ ପଣ୍ଡା, ଶ୍ରୀ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ଶ୍ରୀ ସତ୍ୟବ୍ରତ ବେହେରା ପ୍ରବନ୍ଧ ଉପସ୍ଥାପନ କରିଥିଲେ । ସେମାନେ ବୈଷୟିକ ଅଧିବେଶନରେ ନିଜ ଉପସ୍ଥାପନାରେ ସମ୍ବଲପୁରୀ ଭାଷାର ସୃଦୃଢ଼ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସମ୍ବଲପୁରୀ ସାହିତ୍ୟ ପତ୍ରିକା ଅନ୍ୟତମ ଉଦ୍ଭବ ଅଙ୍ଗଗ୍ରହଣକାରୀଙ୍କୁ ବଂଟନ କରାଯାଇଥିଲା । ଆଲୋଚନାଚକ୍ରରେ ସମ୍ବଲପୁରୀ ଭାଷା ଓ ସାହିତ୍ୟର ସଂରକ୍ଷଣ, ପ୍ରଚାର ଓ ଗବେଷଣା ପାଇଁ ଏକ ପୂର୍ଣ୍ଣାଙ୍ଗ ପ୍ରଦାନ କରିଥିଲା । କାର୍ଯ୍ୟକ୍ରମକୁ ଜନସମ୍ପର୍କ ଅଧିକାରୀ ଡ. ଅଚ୍ୟୁତ କୁମାର ପ୍ରଧାନ ଓ ଡ. ଲିପିକା ମିଶ୍ର ଫଂଯୋଜନା କରିଥିଲେ ।

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ନେଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଜୟପୁର,୨୧/୧୧(ନି/ପ୍ର) ବୀରାଙ୍ଗନା ରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ଅବସରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଜ୍ୟୋତି ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଅଭିନବ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସହଯୋଗରେ ଏକ ବିଶାଳ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ମିଶନ୍ ସାହସୀ' ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଇତିହାସରେ ପ୍ରଥମଥର ପାଇଁ ଏଭଳି ଏକ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅପରାଧିକ ମାମଲାର ଆଇନଜୀବୀ ଆଡଭୋକେଟ୍ ଆରତୀ ମହାନ୍ତି ଯୋଗଦେଇ ମହିଳା ସୁରକ୍ଷା, ଆଇନଗତ ଅଧିକାର ଏବଂ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ନିଜର ମତ ରଖିଥିଲେ । ଅନ୍ୟତମ ଅତିଥି ଭାବେ ମହିଳା ଥାନା ଅଧିକାରୀ ନିର୍ମଳା ଜିମା ମହିଳାଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ ।ପ୍ରଶିକ୍ଷିକା ଭାବେ ଉତ୍କଳ ରାଉତ ସ୍କୁଲର ସ୍ପୋର୍ଟ୍ସ କେପ୍ଟେନ୍ (୧୨ ଡାନ୍) ଆଡଭୋକେଟ୍ ଜ୍ୟୋତି ଖୋରା ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳର ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

କବରାପାଲି ପଂଚାୟତରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ୪ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨ ଲକ୍ଷ ଟଙ୍କାର ଋଣ

ସମ୍ବଲପୁର,୨୧/୧୧(ନି/ପ୍ର): ସମ୍ବଲପୁର ଜିଲ୍ଲା ବୁଢୁମୁରା ବ୍ଲକ ବୁଢୁମୁରା ବ୍ଲକର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜାନିତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ଓ ପରିମଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିସହିତ ପଂଚାୟତ ସ୍ତରୀୟ ମହାସଂଘର ସଭାପତି, ସମ୍ପାଦକ, ସମସ୍ତ ଆଶି ସଦସ୍ୟା, ଏମବିକେ, ସିଆରପି, କୃଷି ମିତ୍ର, ପ୍ରାଣୀ ମିତ୍ରଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଏବଂ ଆଶା କର୍ମୀମାନେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ନିର୍ଗାହୀ ଅଧିକାରୀ, ଏଡିଓ ଏବଂ ସ୍ଥାନୀୟ ମହିଳାମାନଙ୍କୁ ଶ୍ୱାବଲମ୍ବୀ କରିବା ସହ ସ୍ୱଚ୍ଛତା ଓ ପରିମଳ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୧୨ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା । ଏହି ଅର୍ଥକୁ ସ୍ୱଚ୍ଛତା ଏବଂ ପରିମଳ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ବିନିଯୋଗ କରିବା ପାଇଁ ଉପସ୍ଥିତ ମହିଳାମାନଙ୍କୁ ପରାମର୍ଶ ଦିଆଯାଇଥିଲା ।

ହୀରାକୁଦ ନଦୀବନ୍ଧ ହେବ ସମନ୍ୱୟ ପର୍ଯ୍ୟଟନସ୍ଥଳୀ, କାର୍ଯ୍ୟ ଅଗ୍ରଗତି ସମୀକ୍ଷା



ହୀରାକୁଦ,୨୧/୧୧(ନି/ପ୍ର): ହୀରାକୁଦ ଅଟଂଚଳର ସମନ୍ୱିତ ପର୍ଯ୍ୟଟନ ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ୍ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରାଯାଇଛି । ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମାର୍ଗଦର୍ଶକ କମିଟି (ଷ୍ଟିଅରିଂ କମିଟି) ଆଜିର ଏହି ସମୀକ୍ଷା ବୈଠକରେ ହୀରାକୁଦ ଅଟଂଚଳକୁ ଏକ ପ୍ରମୁଖ ଜାତୀୟ ଓ ଆନ୍ତର୍ଜାତୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବେ ବିକଶିତ କରିବା ଲକ୍ଷ୍ୟରେ ସମୀକ୍ଷା ହୋଇଥିଲା । ପ୍ରତ୍ୟେକ କାର୍ଯ୍ୟରେ ଗୁଣାତ୍ମକତା ବଜାୟ ରଖିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ସେ ନିର୍ମାଣକାରୀ ବିଭାଗ ଓ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜ୍ୟ ପର୍ଯ୍ୟଟନ ବିଭାଗ କମିସନର ତଥା ଶାସନ ସଚିବ ବଲ୍ୱନ୍ତ ସିଂ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟ ଓ ଆସାମୀ ପଦକ୍ଷେପ ସଂପର୍କରେ ସୁବିଟ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ହୀରାକୁଦ ଜଳଭଣ୍ଡାର ଓ ଏହାର ପ୍ରସ୍ତାବିତ ଜର୍ଜୁରିଷ୍ଟ କ୍ଷେତ୍ରକୁ ପ୍ରକୃତି, ସଂସ୍କୃତି ଓ ସାହସିକ ପର୍ଯ୍ୟଟନର ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ିତୋଳିବା ସହିତ ମା' ସମଲେଶ୍ୱରୀ ମନ୍ଦିରର ଦ୍ୱିତୀୟ ପର୍ଯ୍ୟାୟ ବିକାଶ, ହୁମା ମନ୍ଦିର ଓ ଘଟେଶ୍ୱରୀ ମନ୍ଦିରର ବିକାଶ, ପାଖ୍ୟାର ଚ୍ୟାନେଲ୍ ଓ୍ୱାଟରଫ୍ରଂଟ ପ୍ରୋମେନାଡ୍, ମହାନଦୀ ଆଇକନିକ୍ ବ୍ରିଜ୍ ଏବଂ ମହାନଦୀ ଦ୍ୱୀପ ପ୍ରକୃତି ଉଦ୍ୟାନ ଓ ପ୍ରୋମେନାଡ୍ ଆଦି ପ୍ରକଳ୍ପର କାର୍ଯ୍ୟାନ୍ୱୟ ଓ ଆସାମୀ ସମୟସୀମା ଉପସ୍ଥାପନ କରାଯାଇଥିଲା । ସାଗରମାଳା ଯୋଜନା ଓ ଇନଲାଣ୍ଡ ୱାଟରୱେଜ୍ ଅଥରିଟି ଅଫ୍ ଇଣ୍ଡିଆ ସହଯୋଗରେ ହୀରାକୁଦ ଜଳଭଣ୍ଡାର ଠାରେ ଜୁଲ୍ ପର୍ଯ୍ୟଟନ ପାଇଁ ନାଭିଗେସନ୍ ଜୁଟ୍ ଓ ଟର୍ମିନାଲ୍ ବିକାଶ ଯୋଜନା ସମୀକ୍ଷା କରାଯାଇଥିଲା । ସମ୍ବଲପୁରର ଜାଇଁସର ଷ୍ଟୋୟାର, ଝାରସୁଗୁଡ଼ାର ରାଜା ଲୁଙ୍ଗା ଏବଂ ବରଗଡ଼ ଜିଲ୍ଲାରେ ଚାରୋଟି ସମ୍ଭାବ୍ୟ ସ୍ଥାନ ମଧ୍ୟରୁ ଗୋଟିଏ ସ୍ଥାନ ଚୟନ କରି ଜୁଲ୍ ଟର୍ମିନାଲ୍ ବିକାଶ କରିବାର ଯୋଜନା ରହିଛି । ପ୍ରକଳ୍ପଗୁଡ଼ିକର ଅଧ୍ୟୟନ, ଡିପିଆର୍ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ ପାଇଁ ଜାଇକା ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି । ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ୍) ପକ୍ଷରୁ ମାନ୍ ମ୍ୟୁଜିୟମ୍, ଅଞ୍ଜରଗ୍ରାଉଣ୍ଡ ମାଇନ୍ ଏକ୍ସପିରିଏନ୍ସ ସେଣ୍ଟର୍ ଓ ଇକୋ ପାର୍କ ବିକାଶ ପ୍ରକଳ୍ପର ଉପସ୍ଥାପନା କରାଯାଇଥିଲା । ଏନଟିପିସି ପକ୍ଷରୁ ଏନର୍ଜି ଏକ୍ସପିରିଏନ୍ସ ସେଣ୍ଟର୍ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । ଜନ୍ମୟନ ନିୟମ ପକ୍ଷରୁ ଜର୍ତ୍ତୋଲା ଓ ସିଙ୍ଗପାଇରେ ବୁଣାକାର ଗ୍ରାମ, ଜଳାଞ୍ଚଳ ଉଦ୍ୟାନ, ମ୍ୟୁଜେସ୍ଲ୍ ଓ ଟେଂଟ ସିଟି ଭଳି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା ।

ଦୁଃଖରେ ଭାଙ୍ଗିପଡ଼ିଥିଲେ ପରିବାର; ବିଧାୟକ ଦେଲେ ଆର୍ଥିକ ସହାୟତା



ଘୁ.ଉଦୟଗିରି,୨୧/୧୧(ନି/ପ୍ର): କନ୍ଧମାଳ ଜିଲ୍ଲାର ଶ୍ରମିକ ପ୍ରବାସରେ ଯାଇ ମୃତ୍ୟୁ ପଥଗାମୀ ହୋଇଥିବା ଜଣେ ଶୋକର ଛାୟା ଖେଳିଯାଇଥିବା ବେଳେ ଘୁ.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଶୁକ୍ରବାର ମୃତ ଶ୍ରମିକଙ୍କ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି । ଘୁ.ଉଦୟଗିରି ବ୍ଲକ ଜଳିଙ୍ଗା ପଚାଂୟତର ଡାରାବାଡ଼ି (କୁଅଁସାହି) ଗ୍ରାମର ବସନ୍ତ ନାୟକଙ୍କ ୪୦ ବର୍ଷୀୟ ପୁଅ ରାଜେଶ ନାୟକ ପରିବାର ପ୍ରତିପୋଷଣ ପାଇଁ କେରଳକୁ ବାହନ ଖତିବାକୁ ଯାଇଥିବା ବେଳେ ଗତ ୭ ତାରିଖରେ ସେଠାରେ ତାଙ୍କର ଅଜାନ ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ପ୍ରଧାନ ସ୍ଥାମକୁ ଯାଇ ଅସହାୟ ମାଆ ଓ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେବା ସହ ମୃତଦେହକୁ କେରଳରୁ ନିଜ କନ୍ଧମାଟିକୁ ଫେରାଇ ଆଣିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ କ୍ୟୁଜ ବଟ୍ଟନ

ବଲାଙ୍ଗୀର,୨୧/୧୧: ବିଶିଷ୍ଟ ପ୍ରତଚିତା, ଅଧ୍ୟାପିକା ତଥା ସୁଲେଖିକା ଏଲୋରା ମିଶ୍ରଙ୍କ ଦ୍ୱାରା ଗଠିତ ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ ବଡିତ୍ର ଅସହାୟଙ୍କୁ ଶୀତବସ୍ତ୍ର ଏବଂ ଜନ୍ମ ବଂଟନ କରାଯାଇଛି । ପ୍ରବଳ ଶୀତଜନିତ ବାୟର ରକ୍ଷା ପାଇବାକୁ ସହର ଲୋକନାଥ ମହାଦେବ ମନ୍ଦିର, ପୁରପଡ଼ା ହନୁମାନ ମନ୍ଦିର, ଲାଲଡିବ୍ରା ହନୁମାନ ମନ୍ଦିର, ସମଲେଶ୍ୱରୀ ମନ୍ଦିର ସମ୍ମୁଖ ସହ ଅନ୍ୟ ସ୍ଥାନରେ ବୀନ କରାଯାଇଛି ।

ଯାତ୍ରୀଙ୍କ ପାଇଁ ନିର୍ମିତ ଅସ୍ଥାୟୀ ପ୍ରତୀକ୍ଷାଳୟରେ ଗୋରୁଙ୍କ ଆଡ୍ଡା

ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଝାରସୁଗୁଡ଼ା,୨୧/୧୧(ନି/ପ୍ର): ଝାରସୁଗୁଡ଼ା ରେଳ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି । ଏହି ନିର୍ମାଣ କାର୍ଯ୍ୟ ଯୋଗୁଁ ଯାତ୍ରୀମାନଙ୍କ ସାଧାରାଣ ଓ ଅସୁବିଧା ସମୟରେ ବିଶ୍ରାମକୁ ସୁବିଧାଜନକ କରିବା ପାଇଁ ଷ୍ଟେସନ ବାହାରେ ଟେଂଟ ମାଧ୍ୟମରେ ଏକ ଅସ୍ଥାୟୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଛି । ଯାତ୍ରୀମାନଙ୍କ ବସିବା ପାଇଁ ସେଠାରେ ଚୌକିର ବ୍ୟବସ୍ଥା ମଧ୍ୟ ହୋଇଛି । ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଏହି ପ୍ରତୀକ୍ଷାଳୟ ଏବେ ଯାତ୍ରୀଙ୍କ ବଦଳରେ ଗାଈଗୋରୁଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଅଭିଯୋଗ ଅନୁଯାୟୀ, ଅସ୍ଥାୟୀ ପ୍ରତୀକ୍ଷାଳୟରେ ରୌକିସି ସୁରକ୍ଷା କର୍ମଚାରୀ ନିୟୋଜିତ ନଥିବାରୁ ଗାଈଗୋରୁମାନେ ସହଜରେ ଭିତରକୁ ପଶି ଆସୁଛନ୍ତି । ଫଳରେ ସେଠାରେ ମଳମୂତ୍ର ତ୍ୟାଗ କରି ପରିବେଶକୁ ଅପରିଷ୍କାର କରୁଛନ୍ତି । ଯାତ୍ରୀ ବସିବା ପାଇଁ ରଖାଯାଇଥିବା ଚୌକିଗୁଡ଼ିକ ଥିଲେ ମଧ୍ୟ ଅପରିଷ୍କାର ପରିବେଶ ଯୋଗୁଁ ଯାତ୍ରୀମାନେ ସେଠାରେ ବସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଫଳରେ ଯେଉଁ ଉଦ୍ଦେଶ୍ୟରେ ଏହି ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା, ତାହା ଏବେ ବ୍ୟର୍ଥ ହେବାକୁ ବସିଛି । ସୂଚନାଯୋଗ୍ୟ ଯେ, ଝାରସୁଗୁଡ଼ା ରେଳ ଷ୍ଟେସନ ଏକ ପ୍ରମୁଖ ରେଳ ଜଙ୍କସନ ହୋଇଥିବାରୁ ଏଠାକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସଂଖ୍ୟକ ଯାତ୍ରୀ ଯାତାୟାତ କରିଥାନ୍ତି । ବିଭିନ୍ନ ଦୂରଗାମୀ ଟ୍ରେନ୍ ଧରିବା ପାଇଁ ଏଠାରେ ଏକ ଭଡ଼ା ଘରେ ରହୁଥିଲେ । ଗତ ଅଗଷ୍ଟ ୧୪ ତାରିଖରେ ପାଢ଼ିତାଙ୍କ ମାଆ ଜାମ କରିବାକୁ ବାହାରକୁ ଯାଇଥିବା ସମୟରେ ଅଭିଯୁକ୍ତ ନାବାଜିକାଙ୍କୁ ଦୁଷ୍ଚର୍ମ କରିଥିବା ଅଭିଯୋଗ ହୋଇଥିଲା । ଘଟଣାର ପରଠାରୁ ୨ଟାରେ ବିଚାରପତି ପୂଜା ଷଡ଼ଙ୍ଗୀ ଏହି ରାୟ ପ୍ରଦାନ କରିଛନ୍ତି । ଏଥିସହ ପାଢ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ପୁରୁଣା ବଷ୍ତି ଅଂଚଳରେ ଅଭିଯୁକ୍ତ ସୁନୀଲ କୁମାର ନାଏକ ନିଜ ଝିଅର ସହ ଏକାକୀ ଘରେ ରହୁଥିବା ସମୟରେ ଏହି ଦୁଷ୍କର୍ମ ଘଟିଥିଲା । ଏହି ଘଟଣାରେ ପୀଡ଼ିତା ଓ ତାଙ୍କ ୧୨ ବର୍ଷୀୟା ଝିଅ ସହ ଅନ୍ୟ ଜଣେ ମହିଳା ସାକ୍ଷୀ ଥିବା ସୂଚନା ଦିଆଯାଇଛି । ଏହି ଘଟଣାରେ ଥାନାରେ ଏତଲା ଦିଆଯାଇଥିଲା । ପୋଲିସ ମାମଲା ରୁଜୁ ହେବା ତତକ୍ଷ ପରେ ଅଭିଯୁକ୍ତକୁ ଗିରଫ କରିଥିଲା । ମାମଲାର ବିଚାର ସମୟରେ ଉପସ୍ଥାପିତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ । ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ଆଜୀବନ କାରାଦଣ୍ଡ ସହ ୨୫ ହ



ରାଜସ୍ୱ ନିରୀକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ : ସରକାରୀ ଅଧିକାରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ



ରାଉରକେଲା,୧୧/୧୧(ନି/ପ୍ର): ଶୀତମିତ୍ରପୁର ତହସିଲ ଅନ୍ତର୍ଗତ ଖୁଣ୍ଟଗାଁ ଆର.ଆଇ. ସର୍କଲରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ (ଜ.ଓ.)ଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣକୁ ନେଇ ସରକାରୀ ଅଧିକାରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶୀତମିତ୍ରପୁର ତହସିଲ ଅନ୍ତର୍ଗତ ଖୁଣ୍ଟଗାଁରେ ନିଯୁକ୍ତ ରାଜସ୍ୱ ନିରୀକ୍ଷକ (ଆର.ଆଇ) ଶ୍ରୀଜାନ୍ତ ପାତ୍ରୁଙ୍କୁ ୨୦ ତାରିଖ ସନ୍ଧ୍ୟାରେ ଝିରପାଣି ନିକଟବର୍ତୀ ଜାମସେରା ଘାଟ ନିକଟସ୍ଥ ମିଟ କୁଣ୍ଡି ଠାରେ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରାଜସ୍ୱ ନିରୀକ୍ଷକ ଶ୍ରୀ ପାତ୍ରୁ ତାଙ୍କର ସରକାରୀ କାର୍ଯ୍ୟ ସାରି ଖୁଣ୍ଟଗାଁରୁ ରାଉରକେଲା ଉଦ୍ଦେଶ୍ୟରେ ସ୍ଥିତ ତାଙ୍କ ସରକାରୀ ବାସଭବନକୁ ମୋଟର ସାଇକେଲରେ ଫେରୁଥିବା ବେଳେ ଆକ୍ରମଣକାରୀମାନେ ତାଙ୍କୁ ଅନୁସରଣ କରି ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ତାଙ୍କର ଗୋଡିଏ ଗୋଡ ଏବଂ ହାତରେ ଗୁରୁତର ଆଘାତ ଲାଗିଥିଲା। ଅପରାଧ କରିବା ପରେ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ପଳାନ ଯାଇଥିବା ଜଣାପଡ଼ିଛି। ପଥଚାରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ, ଆହତ ରାଜସ୍ୱ ନିରୀକ୍ଷକ ଶ୍ରୀ ପାତ୍ରୁଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌ରୁ ପ୍ଲାନାନ୍ତରକରାଯାଇଥିଲା। ଶ୍ରୀ ପାତ୍ରୁଙ୍କ କହିବା ଅନୁସାରେ, ଏହି ଆକ୍ରମଣ ଅବୈଧ ଜମି-ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ ପର୍ଯ୍ୟବେକ୍ଷିତ। ସେ ଜମି ମାଫିଆମାନଙ୍କ ସହ ସହଯୋଗ କରିବାକୁ ମନା କରିବା ସହିତ ସରକାରୀ ଜର୍ଡବ୍ୟ ଏବଂ ନିୟମ ପ୍ରତି ଜଣେ ହେବାରୁ ଏହି ଆକ୍ରମଣ ହୋଇଛି ବୋଲି ଅଭିଯୋଗ ହୋଇଛି। ଆକ୍ରମଣ ପଛର ସଠିକ୍ ଉଦ୍ଦେଶ୍ୟ ତଦନ୍ତ ପରେ ଜଣାପଡିବ ବୋଲି ସେ କହିଛନ୍ତି। ଏହି ଆକ୍ରମଣ ଘଟଣା ସରକାରୀ ଅଧିକାରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ଯେଉଁମାନେ ସେମାନଙ୍କର ସରକାରୀ ଦାୟିତ୍ୱ ନିର୍ବାହ କରିବା ସମୟରେ ଚାପ ଏବଂ ଧମକର ସମ୍ମୁଖୀନ ହେଉଛନ୍ତି ଏବଂ ବେଆଇନ କାର୍ଯ୍ୟକଳାପ ସହିତ ସାଲିସ କରିବାକୁ ମନା କରୁଛନ୍ତି, ସେମାନଙ୍କ ଉପରେ ଏଭଳି ଆକ୍ରମଣ କରିବାକୁ ମାଫିଆଙ୍କ ହାତ ରହୁଛି। ଜଣେ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ ସୃଷ୍ଟି କରିଛି। ପରିବାର ପକ୍ଷରୁ ଏହାର ତଦୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଆକ୍ରମଣରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଚିହ୍ନଟ ସହ ତୁରନ୍ତ ଗିରଫ କରିବା ସହିତ ଏକ ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ଜନମତ ପ୍ରକାଶ ପାଇଛି। ଏହି ଘଟଣାରେ ପୋଲିସକୁ ଦେଆଇନ ଜମିମାଲିକଙ୍କ ସମ୍ପତ୍ତିକୁ ମଧ୍ୟ ଯାଚଁ କରିବାକୁ ପଡିବ ଏବଂ ଅପରାଧ ପଛରେ ପ୍ରକୃତ ଉଦ୍ଦେଶ୍ୟ ବାହାର କରିବାକୁ ପଡିବ। ଆଇନର ଶାସନକୁ ବଜାୟ ରଖିବା ଏବଂ ସରକାରୀ ଅଧିକାରୀମାନେ ଭୟମୁକ୍ତ ଜିୟା ଧମକ ବିନା ସହୋଚ ଓ ନିର୍ଭୀକ ଭାବରେ ସେମାନଙ୍କର କର୍ତବ୍ୟ ପାଳନ କରିପାରିବେ, ତାହା ନିଶ୍ଚିତ କରିବା ପାଇଁ ଅପରାଧୀମାନଙ୍କ ବିରୁଦ୍ଧରେ ତଦୋର କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଛି।

ରଙ୍ଗିଲା ଫ୍ଲାଏଓଭର ନିକଟ ରାସ୍ତା ଅବସ୍ଥା ଶୋଚନୀୟ, ଲୋକେ ହନ୍ତସନ୍ତ



ରାଉରକେଲା,୧୧/୧୧(ନି/ପ୍ର): ଲମ୍ବୁତାପଜନିତ ବର୍ଷାରେ ରାଉରକେଲାର ରାସ୍ତାଘାଟର ଅବସ୍ଥା ବେହାଲ ହୋଇପଡ଼ିଛି। ବିଶେଷ କରି ଏନ୍.ଏଚ୍.-୨୪୩ ଅନ୍ତର୍ଗତ ରଙ୍ଗିଲା ଫ୍ଲାଏଓଭର ନିକଟରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତ କରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ବର୍ଷା ହେଲେ ରାସ୍ତାର ଖାଲରେ ପାଣି ଜମି ରହୁଥିବାରୁ ଗାଡ଼ି ଚାଳକମାନେ ଖାଲର ଗଭୀରତା ଜାଣିପାରୁନାହାନ୍ତି। ଫଳରେ ଦୁରବଟିଆ ଯାନ ଚାଳକ ଓ ପଥଚାରୀମାନେ ଅଧିକ ହଇରାଣ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଅନେକ ଲୋକ ଯାତାୟାତ କରୁଥିବାବେଳେ ରାସ୍ତାର ଏଭଳି ଅବସ୍ଥା ଦୁର୍ଘଟଣାର ଆଶଙ୍କା ବଢ଼ାଇ ଦେଇଛି। ରାସ୍ତା ମରାମତି ପ୍ରତି ସମ୍ପୃକ୍ତ ବିଭାଗର ନଜର କେବେ ପଡ଼ିବ ? ଦୁର୍ଘଟଣା ଘଟିବା ପରେ ହିଁ ପ୍ରଶାସନ ତତ୍ପର ହେବ କି ? ଏଭଳି ପ୍ରଶ୍ନ ଉଠାଇ ଦ୍ରୁତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୁରେନ୍ଦ୍ର ସାଏ ବିଦ୍ୟାବୃଷ୍ଟି ଯୋଜନା ଆଧାରିତ ଶିକ୍ଷକ ତାଲିମଟ

ବଲାଙ୍ଗୀର,୨୧/୧୧(ନି/ପ୍ର):ଗୁଡେଲଲା ଗୁଡେଲଲା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ସମସ୍ତ ଶିକ୍ଷା ବଲାଙ୍ଗିରର ମିଳିତ ଆନୁକୂଲ୍ୟରେ ଡୋବୁଲିଙ୍ଗୁଟି ଫଂଚାୟତ ହାଇସ୍କୁଲ ଡାହିମାଲ ଠାରେ ସୁରେନ୍ଦ୍ର ସାଏ ବିଦ୍ୟାବୃଷ୍ଟି ଯୋଜନା ଆ. ଧାରିତ ଏକ ଦିବସୀୟ ଶିକ୍ଷକ ତାଲିମ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଗ୍ନି କୁମାର ନାଏକ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉତ୍ପାଟନ କରିଥିଲେ। ପରେ ମହାନଦୀ ନେତ୍ର ଚିକିତ୍ସାଳୟ ଶୀରମହାରାପୁର ର ଅପ୍ଟାଲମିକ ଆସିଷ୍ଟାଣ୍ଟ ବବଲୁ ସେଠୀ ତାଲିମ ପ୍ରଦାନ କରିଥିଲେ। ପିଆରସିସି ପ୍ରହ୍ଲାଦ ବଣ୍ଟସେନା ସଭା ଫଂଚାଳନ କରିଥିଲେ।

ପଶ୍ଚିମାଂଚଳ ରେଞ୍ଜ ଆରକ୍ଷୀ ଉପ-ମହାନିରୀକ୍ଷକଙ୍କ ରେଞ୍ଜ-ସ୍ତରୀୟ ବୈଠକରେ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା



ରାଉରକେଲା,୧୧/୧୧(ନି/ପ୍ର): ରାଉରକେଲାର ପଶ୍ଚିମାଂଚଳ ରେଞ୍ଜ କାର୍ଯ୍ୟାଳୟରେ ଶୁକ୍ରବାର ଦିନ ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ତ୍ରିଜେଶ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଏକ ରେଞ୍ଜ-ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଜେଇଁଝର, ରାଉରକେଲା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ (ଏସପି) ଏବଂ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ପଶ୍ଚିମାଂଚଳ ରେଞ୍ଜରେ ପ୍ରଚଳିତ ଆଇନ ଶୃଙ୍ଖଳା ପରିସ୍ଥିତିର ବ୍ୟାପକ ସମୀକ୍ଷା ଏବଂ ବିଶ୍ଳେଷଣ ଉପରେ ଧ୍ୟାନ ଦିଆଯାଇଥିଲା। ଆଲୋଚନାର ପ୍ରମୁଖ ବିଷୟଗୁଡ଼ିକ ମଧ୍ୟରେ ହତ୍ୟା ମାମଲା ଚିହ୍ନଟ ଏବଂ ତଦନ୍ତ, ମହିଳା ବିରୋଧୀ ଅପରାଧ, ସମ୍ପତ୍ତି ସମ୍ବନ୍ଧୀୟ ଅପରାଧ, ଜାମିନ ବିହୀନ ୱାରେଣ୍ଟ (ଘଉଡ) କାର୍ଯ୍ୟକାରୀ କରିବା ଏବଂ ନୂତନ ଅପରାଧିକ ଆଇନର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଅନ୍ତର୍ଭୁକ୍ତ ଥିଲା। ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ତ୍ରିଜେଶ କୁମାର ରାୟ ପଶ୍ଚିମାଂଚଳ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜନତ ପୋଲିଙ୍ଗି, ପ୍ରଭାବଶାଳୀ ଅପରାଧ ଚିହ୍ନଟ ଏବଂ ବିଚାରାଧୀନ ୱାରେଣ୍ଟଗୁଡ଼ିକର ସମୟାନୁବର୍ତୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ନୂତନ ଅପରାଧ ଆଇନର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ତୃଣମୂଳ ସ୍ତରରେ ପୋଲିସ ପ୍ରତିକ୍ରିୟାକୁ ସୁଦୃଢ଼ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସମାଜର ଅବହେଳିତ ତଥା ଦୁର୍ବଳ ବର୍ଗକୁ ଉନ୍ନତ, ସୁଗମ ଏବଂ ପ୍ରତିକ୍ରିୟାଶୀଳ ପୋଲିସ ସେବା ପ୍ରଦାନ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ପୋଲିସ ପ୍ରଶାସନ ପ୍ରତି ନ୍ୟାୟ ଏବଂ ଜନସାଧାରଣଙ୍କ ବିଶ୍ୱାସ ସୁନିଶ୍ଚିତ କରିବା ସହିତ ଅଧିକ ସହାନୁଭୂତି, ସମ୍ବେଦନଶୀଳତା ଏବଂ ଜବୁଣ୍ଡା ସହିତ ସେମାନଙ୍କ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଥିଲା। ପଶ୍ଚିମାଞ୍ଚଳ ରେଞ୍ଜରେ ଆଇନ ପ୍ରବର୍ତନକୁ ସୁଦୃଢ଼ କରିବା, ପୋଲିସ ଦକ୍ଷତାରେ ଉନ୍ନତି ଆଣିବା ଏବଂ ନାଗରିକ-କେନ୍ଦ୍ରିକ ପୋଲିଙ୍ଗି ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରି ଏହି ସମୀକ୍ଷା ବୈଠକ ଶେଷ ହୋଇଥିଲା।

ରାଉରକେଲାରେ ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ - ୨୦୨୬ ପାଳିତ



ରାଉରକେଲା,୧୧/୧୧(ନି/ପ୍ର): ଆଜି ରାଉରକେଲା ପୌର ନିଗମ (ଜଗଉ) କାର୍ଯ୍ୟାଳୟରେ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର ସଦସ୍ୟ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ପ୍ରତିନିଧିଙ୍କ ଅଂଶଗ୍ରହଣରେ ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ-୨୦୨୬ ପାଳିତ ହୋଇଯାଇଛି। ହିଂସା, ଭେଦଭାବ, ଘୃଣା ଏବଂ ସାମାଜିକ ବର୍ଜନ ଯୋଗୁଁ ପ୍ରାଣ ହରାଇଥିବା ଟ୍ରାନ୍ସଜେଣ୍ଡର ବ୍ୟକ୍ତିମାନଙ୍କୁ ମନେ ପକାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ ପାଇଁ ସମାନତା, ମର୍ଯ୍ୟାଦା, ମାନବାଧିକାର, ସାମାଜିକ ଗ୍ରହଣ ଏବଂ ସମାନ ସୁଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ରାଉରକେଲା ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର ସଭାପତି ଜୋୟା ତ୍ରିପାଠି ନିରନ୍ତର ପ୍ରୟାସକୁ ପ୍ରଶଂସା ଦେବା ଉଚିତ। କାର୍ଯ୍ୟକ୍ରମ ସମୟରେ, ଜୋୟା ତ୍ରିପାଠି ମାନ୍ୟଗଣ୍ୟ ବ୍ୟକ୍ତି, ସରକାରୀ କର୍ତୃପକ୍ଷ ଏବଂ ସମ୍ପୃକ୍ତ ପ୍ରଶାସନିକ ସଂସ୍ଥାମାନଙ୍କୁ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର ଜୀବନଶୈଳୀରେ ଉନ୍ନତି ଆଣିବା ସହିତ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସେ ନିବେଦନ କରିଥିଲେ। ଏଥିସହିତ ସେ କେତେକ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ଦାବିଗୁଡିକ ମଧ୍ୟରେ ସ୍ଥାୟୀ ବାସସ୍ଥାନ ସହ ଆଶ୍ରୟସ୍ଥଳ ପାଇଁ ଜମି, ଆବାସିକ ସୁବିଧା ପାଇଁ ସରକାରୀ ଜମି ଆବଂଟନ। ସେହିପରି ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିରପେକ୍ଷ ନିଯୁକ୍ତି ସୁଯୋଗ। ବଞ୍ଚାତ ବିକାଶ ଏବଂ ବୃଦ୍ଧିଗତ ତାଲିମ ପାଇଁ ଆର୍ଥିକ ସାଧାନତା ଏବଂ ସ୍ଥାୟୀ ଜୀବିକା ପାଇଁ ତାଲିମ ଦେବା। ଟ୍ରାନ୍ସଜେଣ୍ଡର ଛାତ୍ରମାନଙ୍କ ପାଇଁ ଶିକ୍ଷାଗତ ସହାୟତା ଏବଂ ବୃତ୍ତି ପ୍ରଦାନ କରିବା। ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁବିଧା ସୁଗମ ସହିତ ସ୍ୱାସ୍ଥ୍ୟସେବା ପରାମର୍ଶ ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା। ଟ୍ରାନ୍ସଜେଣ୍ଡରଙ୍କ ସାମାଜିକ ସୁରକ୍ଷା ସହିତ ପେନସନ ସୁବିଧା, ଆର୍ଥିକ ସହାୟତା ଏବଂ କଲ୍ୟାଣ ଯୋଜନା କରିବା। ଟ୍ରାନ୍ସଜେଣ୍ଡରଙ୍କୁ ପରିଚୟପତ୍ର ଏବଂ ଆଇନଗତ ସହାୟତା ଯୋଗାଇ ଦେବା ସହିତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା। ଆଇନଗତ ସୁରକ୍ଷା ସହିତ ଉତ୍ପୀଡ଼ନ, ଭେଦଭାବ ଏବଂ ହିଂସା ବିରୁଦ୍ଧରେ ସୁରକ୍ଷା ବ୍ୟବସ୍ଥା। କଲ୍ୟାଣ ସେବା, ନିଯୁକ୍ତି ମାର୍ଗଦର୍ଶନ ଏବଂ ପରାମର୍ଶ ପ୍ରଦାନ କରୁଥିବା ଏକ କେନ୍ଦ୍ର ଯୋଗାଇଦେବା। ଏଥିସହିତ ସରକାରୀ କଲ୍ୟାଣ ଏବଂ ନୀତିଗତ ନିଷ୍ପତ୍ତିରେ ଟ୍ରାନ୍ସଜେଣ୍ଡର ପ୍ରତିନିଧିମାନଙ୍କର ପ୍ରତିନିଧିତ୍ୱ ଉପରେ ଜୋୟା ତ୍ରିପାଠି ଗୁରୁତ୍ୱାରୋପ କରିଥିଲେ। ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ ସହାନୁଭୂତି ଜିୟା ବିଶେଷ ବ୍ୟବହାର ଖୋଜନ୍ତି ନାହିଁ ବରଂ ସମାନ ଅଧିକାର, ଅର୍ଥପୂର୍ଣ୍ଣ ସୁଯୋଗ ଏବଂ ସମ୍ମାନର ସହିତ ବଂଚିବା ପାଇଁ ଆବଶ୍ୟକୀୟ ମୌଳିକ ଆବଶ୍ୟକତା ଖୋଜନ୍ତି ବୋଲି ଜୋୟା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ରାଉରକେଲା ପୌର ନିଗମର ଯୁଗ୍ମ କମିଶନର ଶ୍ରୀମତୀ ପଲ୍ଲବୀ ନାୟକ, ଡେପୁଟି କମିଶନର ଶ୍ରୀମତୀ ସାଧାବୀ ଦେଉରିଆ, ଡେପୁଟି ଜଲେକ୍ଟର ଶ୍ରୀମତୀ ପ୍ରାରବ୍ଧା ବଡପଣ୍ଡା, ରାଉରକେଲା ସରକାରୀ ଡାକ୍ତରଖାନାର ଅଧିକ୍ଷକ ଡକ୍ଟର ରାକେଶ କୁମାର ସାହୁ, ଆଇଜିଏର୍ ଡେପୁଟି ଅଧୀକ୍ଷକ ଡକ୍ଟର ପଙ୍କିଜ ସାହୁ, ରାଉରକେଲା ପୋଲିସ କାର୍ଯ୍ୟାଳୟର ଜନ୍ସପେକ୍ଟର ଶ୍ରୀମତୀ ରଞ୍ଜିତା ଏକ୍କା, ସୁନ୍ଦରଗଡ଼ ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ତେତୋଥାନୀ ବଡାଇକ, ପାନପୋଷ ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମିନୁ ତାଣ୍ଡିଆ ଉପସ୍ଥିତ ଥିଲେ। ଜୋୟା ତ୍ରିପାଠି ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଧିକାରୀମାନଙ୍କୁ ସେମାନଙ୍କର ମୂଲ୍ୟବାନ ଉପସ୍ଥିତି, ପ୍ରୋତ୍ସାହନ ଏବଂ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ ସମର୍ଥନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁବିଧା ସୁଗମ ସହିତ ସ୍ୱାସ୍ଥ୍ୟସେବା ପରାମର୍ଶ ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା। ଟ୍ରାନ୍ସଜେଣ୍ଡରଙ୍କ ସାମାଜିକ ସୁରକ୍ଷା ସହିତ ପେନସନ ସୁବିଧା, ଆର୍ଥିକ ସହାୟତା ଏବଂ କଲ୍ୟାଣ ଯୋଜନା କରିବା।

ରାଉରକେଲାରେ ଧୁମଧାମରେ ପାଳିତ ହେଲା ବାବା ଶ୍ୟାମଙ୍କ ଜନ୍ମୋତ୍ସବ



ରାଉରକେଲା,୧୧/୧୧(ନି/ପ୍ର): ସହରର ବିର୍ସା ଡହର ରୋଡ୍ ସ୍ଥିତ ଶ୍ୟାମ ମନ୍ଦିରରେ ବାବା ଶ୍ୟାମଙ୍କ ଜନ୍ମୋତ୍ସବ ଅତ୍ୟନ୍ତ ଧୁମଧାମ ଓ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏଥିପାଇଁ ଶ୍ୟାମ ମନ୍ଦିର ପରିସରରେ ବିଶେଷ ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବାବା ଶ୍ୟାମଙ୍କର ଆକର୍ଷଣୀୟ ଓ ମନମୋହକ ଶୃଙ୍ଗାର କରାଯିବା ସହ ବାଦ୍ୟ ଭଜନ ଭୋଗ ଅର୍ପଣ କରାଯାଇଥିଲା। ବାବାଙ୍କ ଦିବ୍ୟ ଜ୍ୟୋତି ପ୍ରଜ୍ୱଳନ କରାଯାଇ ମନ୍ଦିରର ପୂଜକଙ୍କ ଦ୍ୱାରା ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବାଙ୍କ ଜନ୍ମୋତ୍ସବ ଅବସରରେ ଢୋଲଜାତାରୁ ନିମନ୍ତ୍ରିତ ଭଜନ ଗାୟକ ଗୁଲଶନ ଶର୍ମା ଏବଂ ତତ୍ତ୍ୱଧରପୁରରୁ ଆସିଥିବା ଅମିତ ଶର୍ମା ଓ ଶୀତଳ ପାଣ୍ଡେ ଗୋଟିଏ ପରେ ଗୋଟିଏ ସୁମଧୁର ଭଜନ ପରିବେଷଣ କରି ଶ୍ରଦ୍ଧାଳୁମାନଙ୍କୁ ଭାବବିହ୍ୱଳ କରିଦେଇଥିଲେ। ସମସ୍ତ ମନ୍ଦିର ପରିସର ବାବା ଶ୍ୟାମଙ୍କ ଜୟଗାନ ଓ ଭଜନରେ ଗୁଞ୍ଜରିତ ହୋଇଉଠିଥିଲା। ଏହାସହ ଆଡସବାଜି କାର୍ଯ୍ୟକ୍ରମ ମଧ୍ୟ ଜରାଯାଇଥିଲା। ଶେଷରେ ଶ୍ୟାମ ବାବାଙ୍କ ଆଳତି କରାଯିବା ପରେ ଭକ୍ତମାନେ ପ୍ରସାଦ ଗ୍ରହଣ କରିଥିଲେ। ସେହିପରି, ହନୁମାନ ବାଡିସ୍ଥା ସ୍ଥିତ ଶିଖରି ଧାମ ମନ୍ଦିର ପରିସରରେ ମଧ୍ୟ ବାବା ଶ୍ୟାମଙ୍କ ଜନ୍ମୋତ୍ସବ ହର୍ଷୋଲ୍ଲାସର ସହ ପାଳିତ ହୋଇଛି। ଏହି ଅବସରରେ ଶ୍ୟାମ ବାବାଙ୍କୁ ଫୁଲରେ ଅଲୌକିକ ଶୃଙ୍ଗାର କରାଯିବା ସହ ଦିବ୍ୟ ଜ୍ୟୋତି ପ୍ରଜ୍ୱଳନ ଓ ଛପନ ଭୋଗ ଲାଗି କରାଯାଇଥିଲା। ଏହାସହ ଶ୍ୟାମ ଭକ୍ତମାନଙ୍କ ପକ୍ଷରୁ ୭୧ କିଲୋର ଏକ ବିଶାଳ ମିକ୍ସ କେକ୍ କଟାଯାଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ରୂପେ ବଂଟନ କରାଯାଇଥିଲା।

ଇନ୍ଦିରାଗାନ୍ଧୀଙ୍କ ଜୟନ୍ତୀରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ



ରାଉରକେଲା,୧୧/୧୧(ନି/ପ୍ର): ଜିଲ୍ଲା କଂଗ୍ରେସ ସଭାପତି ସାବିର ହୁସେନ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବେବ ବିହାରୀ, ବରିଷ୍ଠ କଂଗ୍ରେସ ନେତା ରାମାନନ୍ଦ ଶ୍ରୀଚନ୍ଦନ, ପିସିସି ସାଧାରଣ ସମ୍ପାଦକ ପ୍ରମୋଦ ପ୍ରଧାନ, ପିସିସି ପୂର୍ବତନ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ରାଉରକେଲା ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସମ୍ପ୍ରଦାୟ ଅଧକ୍ଷ ଇକାଇ ଅଖତର, ଯୁବ ନେତା ଶିବୁ ବୀପ୍, ମ ତ୍ରିପାଠୀ, ଛାତ୍ରନେତା ପୂର୍ଯ୍ୟକାନ୍ତ ବାରିକ, ମହିଳା ସଭାନେତ୍ରୀ ରଞ୍ଜିତା ମଲ୍ଲିକ, ଉପସଭାପତି ଖାବେଳ ସେଠୀ, ଉପସଭାପତି ବୁଦ୍ଧେନ୍ଦ୍ର ମହାନ୍ତି, ଉପସଭାପତି ବିନୋଦ ରାଉତ, ପୂର୍ବତନ ସଭାନେତ୍ରୀ ଝରଣା ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ସୁନୀଲ ପଟ୍ଟନାୟକ, ଶ୍ରୀମତୀ ଜମରାନା ପରବିନ, ଶ୍ରୀମତୀ ଲକ୍ଷ୍ମୀପ୍ରିୟା ରାଉତ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ବ୍ଲକ ସଭାପତି ସାବିର ହୁସେନ, ସାହିର ହୁସେନ, ଲଡନ ଗିୟାସଡ, ପିଟୁ ସାହୁ, ଶିବୁ ସାହୁ, ରାଜେଶ ସାହୁ ବିକ୍ରାନ୍ତ ସାହୁ, ନିଆଜ ଅହମ୍ମଦ, ଅସୁବ ଖାନ୍, ସିଫାନ ରିଜଭି,